# ୮୪ ବୋତଲ ଦେଶୀ ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୨୩।୧୦(ନୀଳମାଧବ ସାହୁ) ବେଆଇନ ଭାବେ ଦେଶୀ ମଦ ବିକ୍ରି ଅଭିଯୋଗରେ ବାଲିଅନ୍ତା ପୋଲିସ କାକରୁଦ୍ରପୁର ପଞ୍ଚାୟତ ଅଞ୍ଚଳର ବିଜୟ ଭୋଇ(୨୮)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୮୪ ବୋତଲ ଆସ୍କା ଫଟି ମଦ ଜବତ ହୋଇଛି। ବାଲିଅନ୍ତା ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଖମାଙ୍ଗ ଶାସନ ନିକଟରେ ଚଢ଼ାଉ କରି ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ବିଜୟଙ୍କୁ ଧରିଥିଲା। ଏନେଇ ପୋଲିସ ୫୧୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆସନ୍ନପ୍ରସବାଙ୍କ ଯତ୍ନକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

**ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ତ୍ୱରାନ୍ୱିତ କଲା ବିଏମ୍‌ସି**

- ବାତ୍ୟା ଆଶ୍ରୟସ୍ଥଳ ସଂଖ୍ୟା ୯୦କୁ ବୃଦ୍ଧି
- ହଟିଲା ହୋର୍ଡିଂ, ଖସାଗଲା କ୍ରେନ୍

ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ସମୟ ପାଖେଇ ଆସୁଛି। ତେବେ ବାତ୍ୟା ପାଇଁ ଆତଙ୍କିତ ନ ହୋଇ ଏହି ସମୟରେ ନିରାପଦ ସ୍ଥାନରେ ରହିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସମୀକ୍ଷା ବୈଠକ ପରେ ବୁଧବାର ମେୟର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଛନ୍ତି। ବିଏମ୍‌ସି ଅଞ୍ଚଳରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକର ପରିବେଶ, ଆଲୋକ, ପାନୀୟ ଜଳ, ଟଏଲେଟ୍, କେତେ ଲୋକ ରହିପାରିବେ, ମହିଳା ଓ ପୁରୁଷ ଅଲଗା ଅଲଗା ରହିବା ପାଇଁ ବ୍ୟବସ୍ଥା ଆଦିର ତଦାରଖ କରିଛନ୍ତି । ବାତ୍ୟା ଆଶ୍ରୟସ୍ଥଳର ଅନ୍ତେବାସୀଙ୍କ ଖାଦ୍ୟ ପାନୀୟ ପ୍ରତି ଗୁରୁତ୍ୱ ଦେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ କହିଛନ୍ତି। ସହରରେ ଥିବା ଆସନ୍ନପ୍ରସବାଙ୍କ ସ୍ୱତନ୍ତ୍ର ଯତ୍ନ ଉପରେ ମେୟର ଗୁରୁତ୍ୱାରୋପ କରିଛନ୍ତି। ସେଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ମହଜୁଦ୍ ରଖାଯାଇଛି । ବାତ୍ୟାଜନିତ ବର୍ଷା କାରଣରୁ ତଳିଆ ଅଞ୍ଚଳ ଜଳବନ୍ଦୀ ହେବାର ସମ୍ଭାବନା ଥିବାରୁ ମାଇକ୍ ଯୋଗେ ପ୍ରଚାର କରି ଅଞ୍ଚଳବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ପଠାଇବାର ବ୍ୟବସ୍ଥା କରାଯାଉଛି। ଶୂନ୍ୟ ମୃତାହତକୁ ଦୃଷ୍ଟିରେ ରଖି ସମସ୍ତେ କାମ କରିବାକୁ ମେୟର ଦାସ କହିଛନ୍ତି। ଇତିମଧ୍ୟରେ ସହରରେ ଆଶ୍ରୟସ୍ଥଳ ସଂଖ୍ୟା ବୃଦ୍ଧି କରାଯାଇଛି। ପ୍ରତ୍ୟେକ ୱାର୍ଡରେ ଏକାଧିକ ଆଶ୍ରୟସ୍ଥଳ କରାଯାଇଛି। ୩ଟି ଜୋନ୍‌ରେ ମୋଟ ୯୦ଟି ବାତ୍ୟା ଆଶ୍ରୟସ୍ଥଳ ରହିଥିବାବେଳେ ଆବଶ୍ୟକସ୍ଥଳେ ଏହି ସଂଖ୍ୟା ବୃଦ୍ଧି କରାଯିବ ବୋଲି ମେୟର କହିଛନ୍ତି। ଅନ୍ୟପଟେ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛଗୁଡ଼ିକୁ କାଟି ଦିଆଯାଇଛି। ବଡ଼ ହୋର୍ଡିଂଗୁଡ଼ିକୁ ମଧ୍ୟ ହଟାଇ ଦିଆଯାଇଛି। ବିଭିନ୍ନ ଟ୍ରାଫିକ୍ ଛକରେ ଥିବା ହାଇମାକ୍ସ ଲାଇଟଗୁଡ଼ିକୁ ତଳକୁ ଖସାଇ ଦିଆଯାଇଥିବାବେଳେ ବଡ଼ ଅଟ୍ଟାଳିକା ନିର୍ମାଣରେ ଲାଗିଥିବା କ୍ରେନ୍‌ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। କେତେକ ସ୍ଥାନରେ ତଳକୁ ଖସାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ୩୦ଟି ଜଳବନ୍ଦୀ ଅଞ୍ଚଳରେ ପମ୍ପସେଟ୍ ଲଗାଯାଇଛି। ବାତ୍ୟାଜନିତ ସମସ୍ୟାର ସୂଚନା ଦେବା ପାଇଁ କିମ୍ବା ସହାୟତା ଲାଗି ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌କୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରାଯାଇଛି। ଏଥିରେ ୧୨ଜଣ କର୍ମଚାରୀ ଡ୍ୟୁଟି କରୁଛନ୍ତି। ସେମାନଙ୍କୁ ତଦାରଖ କରିବା ପାଇଁ ପ୍ରତି ସିଫ୍ଟରେ ଜଣେ ଲେଖାଏ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

ବାଲିଅନ୍ତା,୨୩।୧୦(ନୀଳମାଧବ ସାହୁ)

**ଲାଗିଲା ୨ ନୂଆ ପାଣିଟାଙ୍କି**




ବାତ୍ୟାର ସଫଳ ମୁକାବିଲା ପାଇଁ ବାଲିଅନ୍ତା ବ୍ଲକ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ପଞ୍ଚାୟତ ଅଞ୍ଚଳରେ ବହୁ ବାହାର ଲୋକେ ରହୁଥିବା ଦୃଷ୍ଟିରୁ ସେମାନଙ୍କୁ ପାଖ ବିଦ୍ୟାଳୟ ଗୃହ ଓ ବାଲିଅନ୍ତା ହାଇସ୍କୁଲ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ସଜାଗ ହୋଇଛି। ଆଶ୍ରୟସ୍ଥଳରେ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ପାଇଁ ବୁଧବାର ତୁରନ୍ତ ୨ଟି ୧ ହଜାର ଲିଟର ବିଶିଷ୍ଟ ୨ଟି ପିଭିସି ଟାଙ୍କି ବସାଯାଇଛି। ପୂର୍ବରୁ ଥିବା ପାଇପ୍ ଓ ଟ୍ୟାପ୍‌ଗୁଡ଼ିକୁ ବଦଳା ଯାଇଛି। ଏହି ଆଶ୍ରୟସ୍ଥଳରେ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଓ ପାଇପ୍ ଜଳଯୋଗାଣ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ଗତ ୨ ବର୍ଷ ତଳେ ଏହି ଆଶ୍ରୟସ୍ଥଳର ମରାମତି ଓ ପୁନରୁଦ୍ଧାର ପାଇଁ ବାଲିଅନ୍ତା ପଞ୍ଚାୟତ ସମିତି ପକ୍ଷରୁ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ବାସହୀନ ତଥା ଚାଳଛପର ଘରେ ରହୁଥିବା ଲୋକଙ୍କୁ ବାତ୍ୟା ସମୟରେ ଏହି ଆଶ୍ରୟସ୍ଥଳରେ ରଖାଯିବାର ବ୍ୟବସ୍ଥା ଥିବାରୁ ସଂଯୋଗ ରାସ୍ତା ମରାମତି ସହ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପଞ୍ଚାୟତ ପକ୍ଷରୁ ଜୋରସୋରରେ କାର୍ଯ୍ୟ ଆଗେଇ ଚାଲିଛି। ପଞ୍ଚାୟତରେ ହୋଇଥିବା ପ୍ରସ୍ତୁତି ବୈଠକରେ ସରପଞ୍ଚ କୃଷ୍ଣ କେଶବ ଆପଟ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଜେନା, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଅନ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

# ପ୍ରଶାସନ ସଜାଗ, ପହଞ୍ଚିଲା ଓଡ୍ରାଫ୍ ଟିମ୍

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

**ଧନଜୀବନକୁ ଗୁରୁତ୍ୱ, ଜଳମଗ୍ନ ଗାଁରେ ଚାଲିବ ବୋଟ**

ବାତ୍ୟା ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପ୍ରସ୍ତୁତ ଓ ସଜାଗ ରହିଛି। ସମସ୍ତ ବ୍ଲକ ଓ କ୍ଷେତ୍ର ଅଧିକାରୀଙ୍କୁ ନିଜ ଅଞ୍ଚଳରେ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୫୧ ବହୁମୁଖୀ ଆଶ୍ରୟସ୍ଥଳ ଏବଂ ୩୭୯ ବାତ୍ୟାସ୍ଥଳ ପ୍ରସ୍ତୁତ ରଖାଯାଇଛି। ତଳି ଅଞ୍ଚଳ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସେଠାରେ ମୌଳିକ ସୁବିଧା ଉପଲବ୍ଧ କରାଯିବ। ସାଧାରଣତଃ ଘର ଛାଡ଼ିବା ପରେ ଲୋକଙ୍କର ଚୋରି ଆଶଙ୍କା ରହିଥାଏ। ତେଣୁ ସମ୍ପୃକ୍ତ ଗାଁଗୁଡ଼ିକରେ ପୋଲିସ ପାଟ୍ରୋଲିଂ କରାଯିବ। ବର୍ତ୍ତମାନ ବାଲିଅନ୍ତା, ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ଏବଂ ଚିଲିକା ଅଞ୍ଚଳରେ ଓଡ୍ରାଫ ଟିମ୍ ପହଞ୍ଚିସାରିଛି। ଜିଲାରେ ୧୦ଟି ଅଗ୍ନିଶମ ଟିମ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିବେ ବୋଲି ଜିଲାପାଳ ଚଞ୍ଚଳ ରଣା ସୂଚନା ଦେଇଛନ୍ତି। ସେ କହିଲେ ଯେ, କିଛି ଅଞ୍ଚଳ ଜଳମଗ୍ନ ହେବା ସମ୍ଭାବନା ରହିଛି। ସେଠାରେ ବୋଟ୍ ବ୍ୟବସ୍ଥା କରାଯିବ। ସମସ୍ତ ବାତ୍ୟାଶ୍ରୟସ୍ଥଳୀରେ ମହିଳାଙ୍କ ସୁବିଧା ଲାଗି ମହିଳା ଅଧିକାରୀମାନଙ୍କୁ ନିୟୋଜିତ କରାଯିବ। ସେହିପରି ପ୍ରାଣୀଙ୍କ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଗୋଖାଦ୍ୟ, ଭ୍ରାମ୍ୟମାଣ ଚିକିତ୍ସା ସୁବିଧା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପାନୀୟଜଳ, ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ୍ ଏବଂ ଔଷଧ ମହଜୁଦ, ଆମ୍ବୁଲାନ୍ସ ଓ ଡାକ୍ତରୀ ସେବା ଯୋଗାଇବା ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ ପାଇଁ କେତେକ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁରୋଧ କରିଥିଲେ। ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ ପାଇଁ ନୋଡାଲ ଅଫିସର ନିୟୋଜିତ କରାଯାଇଛି। ବ୍ଲକ ଓ ପଞ୍ଚାୟତ ସ୍ତରରେ ଜନପ୍ରତିନିଧିଙ୍କ ସହଯୋଗରେ ଲୋକଙ୍କୁ ସ୍ଥାନାନ୍ତର, ଉଦ୍ଧାର, ରିଲିଫ ସାମଗ୍ରୀ ବଣ୍ଟନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମୟ କ୍ରମରେ ଏସ୍‌ଆର୍‌ସିଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ। ଜିଲାପାଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସହ ଆନୁଷଙ୍ଗିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ ଏବଂ ସମସ୍ତ ପ୍ରସ୍ତୁତି ବୁଧବାର ସୁଦ୍ଧା ଶେଷକରି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବାତ୍ୟା ମୁକାବିଲା ଲାଗି ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିଛି ବୋଲି କୋରାପୁଟରୁ ଆସିଥିବା ଟିମ୍ ଲିଡର ହାବିଲଦାର ନୀଳମାଧବ ମହାନ୍ତି କହିଛନ୍ତି। ବନ୍ୟା ଓ ବାତ୍ୟା ସମୟରେ ଉଦ୍ଧାର ପାଇଁ ଆବଶ୍ୟକ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

# ୨୮ ପ୍ଲାଟୁନ ଫୋର୍ସ ସହ ୨୦୦ ପୋଲିସ କର୍ମଚାରୀ ସଜାଗ



ବାତ୍ୟା ମୁକାବିଲା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ଟିମ୍ ।

ଭୁବନେଶ୍ୱର,୨୩।୧୦(ସୂର୍ଯ୍ୟକାନ୍ତ ବେହେରା)

**କମିଶନରେଟ୍ ପୋଲିସର ବାତ୍ୟା ମୁକାବିଲା**

ବାତ୍ୟା 'ଦାନା' ଓଡ଼ିଶାରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିବା ପରେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ପ୍ରସ୍ତୁତ ହେବା ସହ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ମିଶନକୁ ଗୁରୁତ୍ୱ ଦେଇ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ୟୁପିଡି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନେଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇ କହିଛନ୍ତି, ବାତ୍ୟାର ମୁକାବିଲା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ୨୮ ପ୍ଲାଟୁନ ଫୋର୍ସ ସହ ଥାନାର ୨୦୦ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଟିମ୍ ସମସ୍ତ ଥାନାର ଅଧିକାରୀଙ୍କ ସହ ଯୋଗାଯୋଗରେ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ଟିମ୍‌ଗୁଡ଼ିକ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ଉପକରଣ ସହ ବିଭିନ୍ନ ସ୍ଥାନକୁ ଗସ୍ତ କରିଛନ୍ତି। ରିଲିଫ ବଣ୍ଟନ, ଉଦ୍ଧାର କାର୍ଯ୍ୟ ସହ ଗଛ କାଟି ରାସ୍ତା ସଫା କରିବା ଓ ଧନଜୀବନର ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେବେ। ସେହିପରି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯିବା ସହ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ବାତ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଗଠନ ହୋଇଥିବା ଟିମ୍‌ଗୁଡ଼ିକ ହେଲା ସପ୍ତମ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ବଳ, ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ, ରେଡିଓ ଅପରେଟର ଟିମ୍, ହୋମ ଗାର୍ଡ, କାଉଣ୍ଟର ଟେରୋରିଷ୍ଟ ସ୍କ୍ୱାଡ୍ ଓ କମିଶନରେଟ ପୋଲିସର ସ୍ପୋର୍ଟସ ଟିମ। ପ୍ରତି ଟିମ୍‌ରେ ୮ଜଣ ସଦସ୍ୟ ରହିଥିବା ବେଳେ ଏସ୍‌ପି ର୍ୟାଙ୍କର ଅଧିକାରୀ ଏହାର ତଦାରଖ କରିବେ। ଅନ୍ୟପଟେ ୨୦ ମୋଟରସାଇକେଲ, ୫ ଟ୍ରାକ୍ଟର ଓ ଜେସିବିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଟିମ୍‌ର ସଦସ୍ୟ ବାଇକ୍‌ରେ ବୁଲିବା ସହ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ତୁରନ୍ତ ସୂଚନା ଦେବାକୁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ସମସ୍ୟା ଦୂର ପାଇଁ ମଧ୍ୟ ଫୋର୍ସ ମୁତୟନ ରହିବେ ବୋଲି ସୂଚନା ଦିଆଯାଇଛି।




ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପାଣି ଟ୍ୟାଙ୍କର।

# ବାତ୍ୟା ସମୟରେ ବୁଲାପ୍ରାଣୀଙ୍କ ସୁରକ୍ଷା ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)

ସମ୍ଭାବ୍ୟ ବାତ୍ୟା ସମୟରେ ବୁଲା ଗୋରୁ, କୁକୁର, ପଶୁପକ୍ଷୀମାନେ ପ୍ରଭାବିତ ହେବେ। ଏହି ସମୟରେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ପାଇଁ ଜିଲାପାଳ ଚଞ୍ଚଳ ରାଣା ପ୍ରେସ୍ ବିବୃତି ଏବଂ ଭିଡିଓ ବାର୍ତ୍ତା ମାଧ୍ୟମରେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ସେହିପରି ସେମାନଙ୍କ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ କହିଲେ ଯେ, ଭୁବନେଶ୍ୱର ମହାନଗର ନିଗମ ସମେତ ସମସ୍ତ ସହରାଞ୍ଚଳ, ଗ୍ରାମାଞ୍ଚଳରେ ବୁଲା ଗୋରୁ, କୁକୁରଙ୍କୁ ଉପଯୁକ୍ତ ସୁରକ୍ଷା, ଖାଦ୍ୟପେୟ ପ୍ରତି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ଭୁବନେଶ୍ୱର ଓ ଖୋର୍ଦ୍ଧା ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟାଳୟ, ଜଙ୍ଗଲ ବିଭାଗ, ପ୍ରାଣୀଧନ ବିଭାଗ, ସମସ୍ତ ଇଞ୍ଜିନିୟରିଂ ବିଭାଗର ଅଧିକାରୀମାନେ ନିଜ କାର୍ଯ୍ୟାଳୟ ପରିସରରେ ବାତ୍ୟା ସମୟରେ ବୁଲାଗୋରୁ, ପଶୁପକ୍ଷୀ, କୁକୁରଙ୍କୁ ବର୍ଷାଦାଉରୁ ସୁରକ୍ଷା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ପାଇଁ ସ୍ଥାନ ଖୋଲା ରଖିବା ସହିତ ଖାଦ୍ୟ ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କାର୍ଯ୍ୟାଳୟ ପରିସରରେ ଥିବା ଖୋଲା ସ୍ଥାନ, ବହୁତଳ ପ୍ରସାଦ କୋଠା, ଆପାର୍ଟମେଣ୍ଟ, ଗ୍ୟାରେଜଗୁଡ଼ିକ ୨୪ ଓ ୨୫ରେ ପଶୁପକ୍ଷୀଙ୍କୁ ଆଶ୍ରୟ ଦେବା ନିମନ୍ତେ ଖୋଲା ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ବାତ୍ୟା ପାଇଁ ବିଦ୍ୟୁତ୍ ବିଭାଗର ପ୍ରସ୍ତୁତି

ବାରଙ୍ଗ,୨୩।୧୦(ଲିଙ୍ଗରାଜ ରାଉତ)

ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବାରଙ୍ଗ ଓ ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସରବରାହ କିପରି ଠିକ୍ ହୋଇପାରିବ ଓ ବିଦ୍ୟୁତ୍ ସେବା କିଭଳି ଶୀଘ୍ର ଉପଭୋକ୍ତା ପାଇପାରିବେ, ସେ ବିଷୟରେ ବାରଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟର ଯନ୍ତ୍ରୀ ବିଭୁପ୍ରସାଦ ଦାସ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟ ସହିତ ବିଦ୍ୟୁତ୍ ତାର ବାତ୍ୟା ସମୟରେ କୌଣସି କ୍ଷୟକ୍ଷତି ହେଲେ ଯଥାଶୀଘ୍ର ମରାମତି ପାଇଁ ଆବଶ୍ୟକ କର୍ମଚାରୀ ସଜାଗ ରହିବାକୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଆବଶ୍ୟକତା ଥିବା ଆନୁଷଙ୍ଗିକ ସରଞ୍ଜାମ ଯୋଗାଡ଼ କରି ରଖିବାକୁ ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ବେଉରା କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ହାସ୍ୟରସ ନାଟକ 'ଘଟାନ୍ତର' ମଞ୍ଚସ୍ଥ



ଶତାବ୍ଦୀର କଳାକାର ପକ୍ଷରୁ ମଞ୍ଚସ୍ଥ ନାଟକ 'ଘଟାନ୍ତର'ର ଏକ ଦୃଶ୍ୟ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୨୩।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ବିନା ପରିଶ୍ରମରେ ଧନ ଅର୍ଜନ କରି ଆରାମରେ ଜୀବନଯାପନ କରିବାକୁ ସମସ୍ତେ ଚାହାନ୍ତି। ମାତ୍ର ଜଣେ ନାଟ୍ୟକାର କୁହନ୍ତି, ନିଜ ଶକ୍ତିସାମର୍ଥ୍ୟ ଉପରେ ଭରସା ରଖ, ଯେପର୍ଯ୍ୟନ୍ତ ହାତ ଦୁଇଟା ଅଛି, ଖାଇବାକୁ ଅଭାବ ରହିବନି। ଏଭଳି ଏକ କାହାଣୀକୁ ନେଇ ଶତାବ୍ଦୀର କଳାକାର ପକ୍ଷରୁ ବୁଧବାର ହାସ୍ୟରସ ନାଟକ 'ଘଟାନ୍ତର' ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ମନୋଜ ମିତ୍ର କରିଥିବାବେଳେ ଓଡିଆ ରୂପାନ୍ତର କରିଥିଲେ ନାଟ୍ୟକାର ଧୀର ମଲ୍ଲିକ। ନିର୍ଦ୍ଦେଶନା ଦେଇଛନ୍ତି ଡ. ଆଲୋକ ଅଗ୍ନିବେଶ। ବିଭିନ୍ନ ଭୂମିକାରେ ଥିଲେ ସନ୍ତୋଷ, ସତ୍ୟ, ରତୁରାଜ, ସ୍ନେହ, ଅଶୋକ, ଦେବାଶିଷ, ରାକେଶ, ଶୁଭମ, ମନୋଜ, ଜିତ୍, ଅରବିନ୍ଦ, ସୁତନୁ, ତୋଫାନ, ମମତା, ପ୍ରିୟଙ୍କା, ଯାଜ୍ଞସେନୀ ଓ ଅନ୍ୟମାନେ। ଅତିଥିଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ନାଟ୍ୟକାର ଡ. ଉପେନ୍ଦ୍ର ନାୟକ, ଅନୁଷ୍ଠାନର ସଭାପତି ଡ. ଗୌରହରି ଦାସ ଏବଂ ସମ୍ପାଦକ ଧୀର ମଲ୍ଲିକ ଉପସ୍ଥିତ ଥିଲେ।

# ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୩।୧୦
(ଅନୁରାଧା ମହାରଣା)



- ୧୦ ସ୍ଥାନରେ ୱାର୍ ରୁମ୍, ରିଲିଫ୍ ପରିବହନକୁ ଗୁରୁତ୍ୱ
- ବିଭିନ୍ନ ସ୍ଥାନ ଲାଗି ହେଲ୍ପ ଡେସ୍କ ନମ୍ବର ଜାରି

ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ବାତ୍ୟାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚ୍ଚୁଆଲରେ ପୂର୍ବତଟ ଓ ଦକ୍ଷିଣ ପୂର୍ବ ରେଳପଥର ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୈଠକରେ ରେଳପଥ ବୋର୍ଡ ଅଧ୍ୟକ୍ଷ, ସମସ୍ତ ବୋର୍ଡ ସଦସ୍ୟ, ପୂର୍ବତଟ ଓ ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜରଙ୍କ ସମେତ ଖଡ଼ଗପୁର, ଚକ୍ରଧରପୁର, ଆଦ୍ରା ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ଜେନେରାଲ ମ୍ୟାନେଜର ଉପସ୍ଥିତ ରହି ପୂରା ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଭୁବନେଶ୍ୱରସ୍ଥିତ ରେଳ ସଦନ ଏବଂ କୋଲକାତାସ୍ଥିତ ଗାର୍ଡେନ ରିଚ ସହ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ, ବିଶାଖାପାଟଣା, ସମ୍ବଲପୁର, ଚକ୍ରଧରପୁର, ଆଦ୍ରା, ରାଞ୍ଚି, ଖଡଗପୁର ଏବଂ ବାଲେଶ୍ୱରରେ ୱାର୍ ରୁମ୍ ପ୍ରସ୍ତୁତ କରାଯାଇଛି। ଇଞ୍ଜିନିୟରିଂ, ଏସ୍ ଆଣ୍ଡ ଟି, ଅପରେଟିଂ, ବାଣିଜ୍ୟିକ ଏବଂ ଆର୍‌ପିଏଫ୍‌ର ଅଧିକାରୀମାନେ ଏହି ୱାର୍ ରୁମ୍ ପରିଚାଳନା କରିବେ। ୨୦ ସାଟେଲାଇଟ୍ ଫୋନ୍ ସହିତ ଏହି ୱାର୍ କାର୍ଯ୍ୟକ୍ଷମ କରାଯାଇଛି। ତେବେ ବାତ୍ୟା ସମ୍ପର୍କିତ ଠିକ୍ ତଥ୍ୟ ପାଇବା ଏବଂ ଏହାର ମୁକାବିଲା ପାଇଁ ରେଳପଥ ପାଣିପାଗ ବିଭାଗ ସହିତ ନିରନ୍ତର ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଶନରେ ଟ୍ରାକ୍, ସିଗ୍ନାଲ ସିଷ୍ଟମ ଏବଂ ବିଦ୍ୟୁତୀକରଣ ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ବିଦ୍ୟୁତ୍ ସରବରାହ ବନ୍ଦ କରାଗଲେ ଟ୍ରେନ ଚଳାଚଳ ନିଶ୍ଚିତ କରିବାକୁ ଡିଜେଲ ଲୋକୋମୋଟିଭର ବନ୍ଦୋବସ୍ତ କରାଯାଇଛି। ଭୋଜୁଡହି, ବୋକାରୋ ଷ୍ଟିଲ୍ ସିଟି, ସୋରୋ, ନିମପୁର ଆଦି ଷ୍ଟେଶନରେ ୬୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରିଲିଫ ଭ୍ୟାନ୍, ଟ୍ରଲି ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ମଧ୍ୟ ମହଜୁଦ୍ ରଖାଯାଇଛି। ୬-୭ କୋଚ୍ ସହିତ ରିଲିଫ ସାମଗ୍ରୀ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ବହନ କରିବା ପାଇଁ ସ୍କ୍ରାଚ୍ ରେକ୍ ଯୋଜନା କରାଯାଇଛି। ପୂର୍ବରୁ ପ୍ରାୟ ୨୦୦ ଟ୍ରେନ୍ ବାତିଲ କରାଯାଇଥିବାବେଳେ ବାତ୍ୟା କାଳରେ ପବନର ବେଗକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ବିଭିନ୍ନ ଅଞ୍ଚଳ ପାଇଁ ହେଲ୍ପ ଡେସ୍କ ନମ୍ବର ଜାରି କରାଯାଇଛି। ପୁରୀ ପାଇଁ ୮୯୨୬୧୦୦୩୫୬, ଖୋର୍ଦ୍ଧା ରୋଡ୍ ପାଇଁ ୮୯୨୬୧୦୦୨୧୫, ଭୁବନେଶ୍ୱର ପାଇଁ ୮୧୧୪୩୮୨୩୭୧, କଟକ ପାଇଁ ୮୧୧୪୩୮୨୩୫୯, ପାରାଦୀପ ପାଇଁ ୮୧୧୪୩୮୮୩୦୨, ଯାଜପୁର-କେନ୍ଦୁଝର ରୋଡ୍ ପାଇଁ ୮୧୧୪୩୮୨୩୪୨, ଭଦ୍ରକ ପାଇଁ ୮୧୧୪୩୮୨୩୦୧, ପଲାସା ପାଇଁ ୮୧୧୪୩୮୨୩୧୯ ଓ ବ୍ରହ୍ମପୁର ପାଇଁ ୮୧୧୪୩୮୨୩୪୦ ନମ୍ବର ରହିଛି। ସେହିପରି ସ୍ୱାସ୍ଥ୍ୟଗତ ସେବା ପ୍ରଦାନ ପାଇଁ ମେଡିକାଲ ଟିମ୍ ନିୟୋଜନ କରାଯାଇଛି। ଯଥେଷ୍ଟ ପରିମାଣର କ୍ଲୋରିନ୍ ବଟିକା, ବ୍ଲିଚିଂ ସହ ପ୍ରାଥମିକ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭିନ୍ନ ଷ୍ଟେଶନରେ ଖାଦ୍ୟ ବନ୍ଦୋବସ୍ତ ବିଶେଷ କରି ଶିଶୁଙ୍କ ଖାଦ୍ୟ ଉପଲବ୍ଧ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରେଲୱେ କଲୋନୀ ସହ ଅନ୍ୟାନ୍ୟ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ



ବାଣପୁର,୨୩।୧୦ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ନାଚୁଣୀ ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏଥିସହ ତାଙ୍କଠାରୁ ୫୪୫୦ ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ସଞ୍ଜୟ ବେହେରା, ପ୍ରଦୀପ ନାୟକ, ବୀର ବେହେରା, ପୂର୍ଣ୍ଣ ବେହେରା, ଶୁକ ବେହେରା। ଏନେଇ ପୋଲିସ ୩୪୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନାଚୁଣୀ ଥାନା ବଉଳାବନ୍ଧ ଗ୍ରାମରେ ଏକ ଜୁଆ ଆଡ୍ଡା ଚାଲୁଥିବା ଖବର ପାଇ ନାଚୁଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏସ୍ଆଇ ରୁଚିକାନ୍ତ ମହାକୁଡ଼, ଏଏସ୍ଆଇ ଅକ୍ଷୟ ସେଠୀ, ପ୍ରଦୀପ ପ୍ରଧାନ ଏବଂ କନ୍‌ଷ୍ଟେବଲ ଅରୁଣ ପୁରି ପ୍ରମୁଖ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

### ମତ୍ସ୍ୟଜୀବୀଙ୍କୁ ଚିଲିକା ମନା

ଟାଙ୍ଗୀ-ଖୋର୍ଦ୍ଧା,୨୩।୧୦(ରଘୁନାଥ ସାହୁ)

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଚିଲିକାକୁ ମାଛ ମାରିବାକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଚିଲିକା କୂଳରେ ଥିବା ବାଲୁଗାଁ, ନଇରୀ, ବଉଳାବନ୍ଧ, ସୋରଣ, ମାନସିଂହପୁର, ହାଟବରଡ଼ି, କାଲୁପଡ଼ାଘାଟ, ବଡକୁଳ, ଚନ୍ଦ୍ରାପୁଟ ଆଦି ଅଞ୍ଚଳର ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଛି। ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ଚିଲିକାକୁ ନ ଯାଇ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ପ୍ରଶାସନ ପରାମର୍ଶ ଦେଇଛି।

### ନବମ ରାମଚରିତ ମାନସ ଉଦ୍‌ଘାଟିତ

କଳାପଥର,୨୩।୧୦(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ଗ୍ରାମରେ ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ନବମ ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଗଦର୍ଶକ ଗୋପାଳଜୀ ମଠ ଗୋବର୍ଦ୍ଧନ ପ୍ରସାଦ ତତ୍ତ୍ୱାବଧାରକ ପ୍ରଶାନ୍ତ ବାବା ମହାବୀର ଆଶ୍ରମ ମାଣିବନ୍ଧକ ଆୟୋଜିତ କାର୍ଯ୍ୟକ୍ରମ ସୋମବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବ୍ୟାସ ଚନ୍ଦ୍ରକାନ୍ତ ନନ୍ଦ, ଉପବ୍ୟାସ କୁଞ୍ଜବିହାରୀ ପଣ୍ଡା, କର୍ତ୍ତା ଗଦାଧର ସାହୁ, ଜୟକୃଷ୍ଣ ପ୍ରହରାଜ ଏବଂ ରମାକାନ୍ତ ହୋତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ପଣ୍ଡିତ ବସନ୍ତ ମଙ୍ଗରାଜ, ପଣ୍ଡିତ ଅଶୋକ ପ୍ରଧାନ, ପଣ୍ଡିତ ଅନିଲ ଦାସ ପ୍ରମୁଖ ଅଂଶଗ୍ରହଣ କରି ନବଦିନ ବ୍ୟାପୀ ଶ୍ରୀରାମ କଥାମୃତ ଶ୍ରୋତାମାନେ ଶ୍ରବଣ କରୁଛନ୍ତି। କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ବ୍ୟକ୍ତି ବ୍ରଜବନ୍ଧୁ ରାଉତଙ୍କ ସମେତ ଯୁବକମାନେ ସହଯୋଗ କରିଥିଲେ।

# ସମୂହ ଭସାଣି ଉତ୍ସବ, ୫୦ହଜାର ଲୋକଙ୍କ ସମାଗମ

## ମେଲାଣି ନେଲେ ମା' ଗଜଲକ୍ଷ୍ମୀ

ଖୋର୍ଦ୍ଧା,୨୩।୧୦(ପ୍ରଭାତ ପାଣିଗ୍ରାହୀ)



ଭସାଣି ପାଇଁ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଉଛି।

ଖୋର୍ଦ୍ଧାରେ ୭ଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜା ବୁଧବାର ଶେଷ ହୋଇଛି। ମା' ମହାଲକ୍ଷ୍ମୀ ମେଲାଣି ନେଇଛନ୍ତି। ଜିଲା ପ୍ରଶାସନ, ପୌର ପ୍ରଶାସନ ଏବଂ ପୂଜା କମିଟିଗୁଡ଼ିକର ମିଳିତ ସହଯୋଗରେ ସମୂହ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଚଳିତବର୍ଷ ୩୬ଟି ମଣ୍ଡପରେ ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଅପରାହ୍ନରେ ପୂଜା କମିଟିଗୁଡ଼ିକ ପକ୍ଷରୁ ମୂର୍ତ୍ତିଗୁଡ଼ିକ ଶୋଭାଯାତ୍ରାରେ ମଣ୍ଡପରୁ ବାହାରି ବିଜେବି ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ମେଢ଼ଗୁଡିକ କ୍ରମାନ୍ୱୟରେ ଆସି ପଛକୁ ପଛ ଠିଆ ହୋଇଥିଲେ। ସନ୍ଧ୍ୟା ୬ଟାରେ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ, ଲୋକନୃତ୍ୟ, ଢୋଲ, ଘଣ୍ଟଘଣ୍ଟା, ବାଦ୍ୟଯନ୍ତ୍ର ତାଳେ ତାଳେ ବାହାରିଥିଲା ବିରାଟ ପଟୁଆର। ଧନଲକ୍ଷ୍ମୀଙ୍କ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଥିଲା।

ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା, ଆଲୋକୀକରଣ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରର ବ୍ୟବସ୍ଥା କରାଯାଇଥିଲା। ବିଶାଳ ଶୋଭାଯାତ୍ରାରେ ରଙ୍ଗିନ ଆଲୋକରେ ଝଲସୁଥିଲା ସହର। ଭସାଣି ଉତ୍ସବରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଆରବର୍ଷକୁ ମା'ଙ୍କୁ ସ୍ୱାଗତ ଜଣାଇ ଧନ ଓ ଐଶ୍ୱର୍ଯ୍ୟର ଦେବୀ ଧନଲକ୍ଷ୍ମୀଙ୍କୁ ମେଲାଣି ଦେଇଥିଲେ ସହରବାସୀ। ଭସାଣି ଉତ୍ସବ ପାଇଁ ଦୋକାନ ବଜାର ବନ୍ଦ ରହିଥିଲା। ମେଢଗୁଡିକ ବିଜେବି ହାଇସ୍କୁଲ ପଡ଼ିଆରୁ ବାହାରି ନୟାଗଡ ରୋଡ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ, ନୂଆବସଷ୍ଟାଣ୍ଡ, ବାଇପାସ୍ ରୋଡ ଦେଇ ଟିଏଲ୍‌ସି ରୋଡସ୍ଥିତ ଖଣି ପୋଖରୀ ନିକଟରେ ପହଞ୍ଚିଥିଲା। ସେଠାରେ ପୌର ପ୍ରଶାସନ ପକ୍ଷରୁ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବିସର୍ଜନ ପର୍ବ ଚାଲିଥିଲା।

ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି, ଶ୍ରେଷ୍ଠ ଶୋଭାଯାତ୍ରା ଓ ଶାନ୍ତିଶୃଙ୍ଖଳାକାରୀ ଦଳର ଚୟନ ଲାଗି ସମବାୟ ଛକରେ ପ୍ରସ୍ତୁତ ମଞ୍ଚରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାୟକ ପ୍ରଶାନ୍ତ ଜଗଦେବ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସାହୁ, ତହସିଲଦାର ବିଭାସ ସାହୁ, ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସହରରେ ୪ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୦୫ ମସିହାରେ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଉଦ୍ୟମ କ୍ରମେ ବ୍ୟବସାୟୀ ମହାସଂଘ ଏବଂ ପୂଜା କମିଟିର ମିଳିତ ସହଯୋଗରେ ସମୂହ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜା ଏବଂ ଭସାଣି ଉତ୍ସବ ସହରର ଗଣପର୍ବରେ ପରିଣତ ହୋଇଥିବା ବେଳେ ଭାଇଚାରାର ବାର୍ତ୍ତା ଦେଉଛି।

# ପୂର୍ବତନ ମୁଖ୍ୟ ସଚେତକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ




ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୩।୧୦ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଗାନ୍ଧୀ ଉଦୟନାଥ ଜେନାଙ୍କ ପୁତ୍ର ଓଡ଼ିଶା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ କୃଷ୍ଣପ୍ରସାଦ ବ୍ଲକର ଚାରିଛକ ବଜାରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଚିଲିକା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୈତାରୀ ବରାଳ, ବ୍ରଜ କିଶୋର ଜେନା, ବୁଦ୍ଧିଜୀବୀ ଦାମୋଦର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, ସାମାଜିକ କର୍ମୀ ଡ. ଦେବେନ୍ଦ୍ର ନାଥ ତରେଇ, ରଘୁନାଥ ବଡୁ, ଦୀନବନ୍ଧୁ ଜେନା, ପୂର୍ବତନ ସରପଞ୍ଚ ନବୀନ ଜେନା, କୈଳାସ ଚନ୍ଦ୍ର ପରିଡ଼ା, ୩୫ ମୌଜା ସମ୍ପାଦକ ଦିଲୀପ ଦାଶଙ୍କ ସମେତ ତାଙ୍କ ସ୍ମୃତିଚାରଣ କରିଥିଲେ। ଯୁବ ପ୍ରତିଭା ମନୋଜ ସାହୁ, ଶିକ୍ଷକ ଅକ୍ଷୟ ସାମନ୍ତସିଂହାର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସ୍ୱର୍ଗତ ଜେନାଙ୍କ ଜନ୍ମମାଟି ତିତିପ ଗ୍ରାମର ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଦେବରାଜ ଜେନା ଏବଂ ୩୫ ମୌଜା ପିଅନ ଭ୍ରମରବର ପାହାଣ ତାଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ଗାନ କରିଥିଲେ।

## ଅନ୍ତର୍ଜାତୀୟ ଫେକ୍ କଲ୍‌ସେଣ୍ଟର ଘଟଣା: ୩ଦିନିଆ ରିମାଣ୍ଡ ସରିଲା

# ୬ ସାଇବର ଠକଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଠାବ

ଭୁବନେଶ୍ୱର,୨୩।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଅନ୍ତର୍ଜାତୀୟ କଲ୍‌ସେଣ୍ଟର ଠାବ ଘଟଣାରେ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ୬ ଅଭିଯୁକ୍ତଙ୍କ ୩ ଦିନିଆ ରିମାଣ୍ଡ ସରିବା ପରେ ପୁଣି ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ସୋମବାରଠାରୁ ପୋଲିସ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ଏହି ରିମାଣ୍ଡ ଅବଧି ବେଳେ ମୁଖ୍ୟତଃ ଦୁଇଟି ଦିଗକୁ ଫୋକସ୍ କରାଯାଇଥିଲା। ଆର୍ଥିକ ଠକେଇ ଓ ସୁରକ୍ଷା ଦିଗକୁ ନେଇ ଅଧିକ ପଚରାଉଚରା କରାଯାଇଥିଲା। ଇଣ୍ଟେଲିଜେନ୍ସ ବ୍ୟୁରୋର ଗୋଟିଏ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ସାଇବର ନୋଡାଲ୍ ଏଜେନ୍ସିର ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତମାନଙ୍କୁ ମିଳିତ ଭାବେ ପଚରାଉଚରା କରିଥିଲେ। ଠକେଇ ଟଙ୍କା ଯାଉଥିବା ସାଇବର ଠକଙ୍କ କିଛି ବ୍ୟାଙ୍କ ଆକାଉଣ୍ଟ ଠାବ ହୋଇଥିବାବେଳେ ଏହାର ତଥ୍ୟ ବ୍ୟାଙ୍କକୁ ମଗାଯାଇଛି। ଏଥିସହ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯୁକ୍ତମାନଙ୍କ ଜଣେ ସହଯୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏନେଇ ଅଧିକ ଯାଞ୍ଚ କରାଯାଉଛି। ଜବତ ହୋଇଥିବା ଡିଜିଟାଲ ଉପକରଣର ଫୋରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଡିସିପି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଗିରଫ ସାଇବର ଠକମାନେ ମାକାଫି ଓ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର ଥିବା ଗ୍ରାହକମାନଙ୍କୁ କଷ୍ଟମର୍ କେୟାର ଅଧିକାରୀର ପରିଚୟ ଦେଇ ଫସାଉଥିଲେ।

# ରେଲ୍‌ୱେରେ ଚାକିରି କରାଇଦେବା ଆଳରେ ଠକେଇ, ଅଭିଯୁକ୍ତ ଗିରଫ

ଜଟଣୀ,୨୩।୧୦(ରବୀନ୍ଦ୍ରନାଥ ମହାକୁଡ଼)



ଈଶ୍ୱରଚନ୍ଦ୍ର ମହନ୍ତ

ରେଲ୍‌ୱେରେ ଚାକିରି କରାଇଦେବାକୁ କହି ଠକିଥିବା ଜଣେ ଅଭିଯୁକ୍ତଙ୍କୁ ଜଟଣୀ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ତଳସାହିର ଈଶ୍ୱରଚନ୍ଦ୍ର ମହନ୍ତ ଓରଫ ପ୍ରଶାନ୍ତ। ଅଭିଯୋଗକାରୀ ଅଜିତ କୁମାର ମହନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ୪୩୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଅଜିତ ଚାକିରି ଅନୁସନ୍ଧାନ କରୁଥିବାବେଳେ ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ ପ୍ରଶାନ୍ତଙ୍କ ସହିତ ୩ ମାସ ପୂର୍ବେ ସମ୍ପର୍କରେ ଆସିଥିଲେ। ଅଜିତ୍‌ଙ୍କୁ ପ୍ରଶାନ୍ତ ରେଲ୍‌ୱେରେ ଚାକିରି କରିଦେବାକୁ କହି ବିଶ୍ୱାସ ଜନ୍ମାଇଥିଲେ। ଅଜିତ୍ ଏନେଇ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସହ ୩୫ ହଜାର ଟଙ୍କା ନେଇ ଜଟଣୀସ୍ଥ ପୂର୍ବତଟ ରେଳପଥ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ପ୍ରଶାନ୍ତଙ୍କୁ ଭେଟି ପ୍ରଦାନ କରିଥିଲେ। ପ୍ରମାଣପତ୍ର ନେଇସାରି ସେ ଅଜିତ୍‌ଙ୍କୁ ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟ ନିକଟରେ କିଛି ସମୟ ଅପେକ୍ଷା କରିବାକୁ କହିଥିଲେ। ଏହାର କିଛି ସମୟ ପରେ ଅଜିତ୍‌ଙ୍କ ମେଲ୍‌କୁ ଏକ ନିଯୁକ୍ତି ପତ୍ର ପଠାଇ ସେଠାରୁ ସେ ଚମ୍ପଟ ମାରିଥିଲେ। ଅଜିତ ଏନେଇ ପ୍ରଶାନ୍ତଙ୍କୁ ଖୋଜି ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସେ ଠକାମିର ଶିକାର ହୋଇଥିବା ଜାଣି ଗତ ୨୧ ତାରିଖରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ପ୍ରଶାନ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି। ଏହି ରାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାରେ ପୋଲିସ ତଦନ୍ତ ଜାରି ରଖିଛି।

# ଭସାଣି ଯାତ୍ରା: ଏପାଖ ସେପାଖ

### ମନମୋହିଲା ମେଢ଼ନୃତ୍ୟ

ବିଭିନ୍ନ ପୂଜା କମିଟି ପକ୍ଷରୁ ଲୋକନୃତ୍ୟ ଆୟୋଜନ କରାଯାଇଥିଲା। ଦଶାବତାର, ଦଶବିଦ୍ୟା, ଶ୍ରୀଗଣେଶ, ମାଆ କାଳୀ, ଶ୍ରୀନୃସିଂହ, ଫୁଲ ମେଢ ନୃତ୍ୟ ଥିଲା ଆକର୍ଷଣୀୟ। ଏସବୁ ଦର୍ଶକଙ୍କ ମନ ଜିଣିଥିଲା। ନୃତ୍ୟମେଢ ନିକଟରେ ଶ୍ରଦ୍ଧାଳୁମାନେ ସେଲ୍ଫି ନେଉଥିଲେ। ଏଥିସହିତ ସାମିଲ ହୋଇଥିଲା ଖୋର୍ଦ୍ଧାର ପାଇକ ବୀରବାଦ୍ୟ। ବାଦ୍ୟବାଜଣାର ତାଳେ ତାଳେ ସହରବାସୀ ଝୁମି ଉଠିଥିଲେ।

### ମହାପ୍ରଭୁଙ୍କ ଆଗରେ ଓଡ଼ିଶୀ ନୃତ୍ୟ

ଗୁରୁଜଙ୍ଗ ଦ୍ୱାରିକାନଗର ପୂଜା କମିଟି ପକ୍ଷରୁ ମେଢଗୁଡ଼ିକୁ ନିଆରା ଢଙ୍ଗରେ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଏକ ମନ୍ଦିର ସଦୃଶ ତୋରଣ ମଧ୍ୟରେ ମା' ଗଜଲକ୍ଷ୍ମୀ ବିଜେ କରିଥିବା ବେଳେ ମା' ଲକ୍ଷ୍ମୀଙ୍କ ଗୀତ ଦର୍ଶକଙ୍କୁ ବେଶ ଛୁଇଁଥିଲା। ମେଢ ଆଗରେ ଏକ ଡାଲାରେ ମହାପ୍ରଭୁଙ୍କ ମୂର୍ତ୍ତି ଆଗରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏକାଧିକ କଳାକାର ଜଣକ ପରେ ଜଣେ ଭିନ୍ନ ନୃତ୍ୟ ପରିବେଷଣ କରି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ।



### ଦେଶଭକ୍ତିର ବାର୍ତ୍ତା ଦେଲେ

ଶାନ୍ତି କମିଟି ପରିବା ବ୍ୟବସାୟୀ ସଂଘର ସଦସ୍ୟମାନେ ଦେଶଭକ୍ତି, ଭାଇଚାରାର ବାର୍ତ୍ତା ଦେଇଥିଲେ। ଏକାଧିକ ସଦସ୍ୟ ହାତରେ ତ୍ରିରଙ୍ଗା ଧରି ଦେଶଭକ୍ତି ସଙ୍ଗୀତ ତାଳେ ତାଳେ ନାଚି ଏକତା, ଜାତୀୟତାର ଭାବ ସୃଷ୍ଟି କରିଥିଲେ। ଭାରତମାତାର ଜୟଘୋଷ ସହ ପରସ୍ପର ମଧ୍ୟରେ ଶ୍ରଦ୍ଧାଭାବ ରଖିବାକୁ ବାର୍ତ୍ତା ଦେଇ ଲୋକଙ୍କ ହୃଦୟ ଜିଣିଥିଲେ। ଏହା ଶୋଭାଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା।




### ଭିଡ଼ ଭିତରେ କଣ୍ଢେଇ ନାଚ

ଲକ୍ଷ୍ମୀ ମାର୍କେଟ ପୂଜା କମିଟି ପକ୍ଷରୁ ଆୟୋଜିତ ହୋଇଥିଲା କଣ୍ଢେଇ ନାଚ। ପୁରୀ ଦାଣ୍ଡମୁକୁନ୍ଦପୁରରୁ ଆସିଥିବା କଳାକାରମାନଙ୍କ ରାଜାରାଣୀ, ସଖୀ କଣ୍ଢେଇ ନାଚ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶୋଭାଯାତ୍ରାର ଭିଡ଼ ମଧ୍ୟରେ କଣ୍ଢେଇ ନାଚ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଭରି ରହିଥିଲା।



### ଭସାଣି ଶୋଭାଯାତ୍ରା ଉଦ୍‌ଘାଟନକୁ ନେଇ ବିବାଦ

ଭସାଣି ଶୋଭାଯାତ୍ରା ଉଦ୍‌ଘାଟନ ପାଇଁ ବିଧାୟକ ବିଜେବି ହାଇସ୍କୁଲ ପଡ଼ିଆ ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୂର୍ବ ବୈଠକରେ ୧୦ କମିଟିଙ୍କୁ ସ୍ୱୀକୃତି ମିଳିଥିବାବେଳେ ପୁଣି ଥରେ ୩୦ଜଣଙ୍କୁ କମିଟିରେ ସାମିଲ କରାଯାଇ ପରିଚୟ ଦେବା ନେଇ ବିବାଦ ଉଠିଥିଲା ବୋଲି ସଦ୍‌ଭାବନା ପୂଜା କମିଟି ସଭାପତି ଶୋଭନ ଘୋଷ ସୂଚନା ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ମାନିଲେନି ପ୍ରଶାସନର ନିର୍ଦ୍ଦେଶ



ଗଜଲକ୍ଷ୍ମୀ ଭସାଣି ଯାତ୍ରାରେ ଛାତି ଥରା ଡିଜେ ସାଉଣ୍ଡ ଲୋକଙ୍କୁ ବିଚଳିତ କରିଥିଲା। ପୂର୍ବରୁ ଜିଲା ପ୍ରଶାସନ ଏବଂ ପୂଜା କମିଟି ମିଳିତ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକରେ ୬୫ ଡେସିବଲରୁ ଅଧିକ ସାଉଣ୍ଡ ହେବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କେବଳ ଭକ୍ତି ସଙ୍ଗୀତ ପରିବେଷଣ କରିବେ। ଅଶ୍ଳୀଳ ସଙ୍ଗୀତ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ ନାହିଁ ବୋଲି ନିର୍ଦ୍ଦେଶ ସତ୍ତ୍ୱେ କେହି ଏହାକୁ ଖାତିର କରି ନ ଥିଲେ। ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ଶୋଭାଯାତ୍ରାରେ ଛାତିଥରା ଡିଜେ ସାଉଣ୍ଡ ଚାଲିଥିଲା। ଏଥିସହିତ ଏକାଧିକ ପୂଜା କମିଟି ପକ୍ଷରୁ ଡିଜେ ସହ ଲେଜର ଲାଇଟ ବ୍ୟବହାର କରାଯାଇଥିଲା।

### ବିଳମ୍ବିତ ରାତିଯାଏ ଚାଲିଥିଲା ବିସର୍ଜନ

ରାତି ୧୨ଟା ଯାଏଁ ଖଣି ପୋଖରୀରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ପୂର୍ବ ବୈଠକ ଅନୁଯାୟୀ ୧୦ଟା ମଧ୍ୟରେ ମୂର୍ତ୍ତି ବିସର୍ଜନ ଲାଗି ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ କେହି ମାନିନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିଏଲସି ଖଣି ମୂର୍ତ୍ତି ବିସର୍ଜନ ଜାରି ରହିଥିଲା।

# ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା ଥିଲେ ଭଗବତୀଚରଣ ପାଣିଗ୍ରାହୀ

କଟକ,୨୩।୧୦ (କାର୍ତ୍ତିକ ସାହୁ)

ଜଣେ ମହାନ୍ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ମହାରଥୀ ଭାବେ ଭଗବତୀଚରଣ ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ। ସେ ଥିଲେ ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା। ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ସେବାରେ ସେ ଜୀବନକୁ ଉତ୍ସର୍ଗ କରିଥିବାବେଳେ ୩୫ ବର୍ଷରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଚାଷୀ ମୂଲିଆ ଆନ୍ଦୋଳନର କାଣ୍ଡାରୀ, ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ଭାବେ ଭଗବତୀଚରଣ ଜନମାନସରେ ବେଶ୍ ପରିଚୟ ଲାଭ କରିଥିଲେ ବୋଲି ତାଙ୍କର ୮୧ତମ ସ୍ମୃତି ସମାରୋହରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି।

କଟକ ସତୀଚଉରାଠାରେ ଶ୍ରମିକ ନେତା କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିଡିଏରେ ଥିବା ଭଗବତୀ ପାର୍କରେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବେ ବୋଲି ଘୋଷଣା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ସିପିଆଇ(ଏମ୍) ନେତା ରବିନାରାୟଣ ମଲ୍ଲିକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନେତା ଖଗେଶ୍ୱର ସେଠୀ, ସମତା ମଞ୍ଚର ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମ୍‌ର ପ୍ରଶାନ୍ତ ଦାସ, କୃଷକ ନେତା କ୍ଷୀରୋଦ ସିଂହଦେଓ, ଶିକ୍ଷକ ନେତା ବିବେକାନନ୍ଦ ଦାଶ, ଆଡ୍‌ଭୋକେଟ୍ ଭିକାରି ଦାସ, କୃଷ୍ଣପ୍ରିୟା ମିଶ୍ର, ସୁଶାନ୍ତ ମହାପାତ୍ର, ଜୟନ୍ତ ଦାସ, ପ୍ରଦୀପ ଷଡଙ୍ଗୀ, ଅମରେନ୍ଦୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ଓ ଅଭୟ ପଟ୍ଟନାୟକ ଭଗବତୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଅଶୋକ ତା, ସାନନ୍ଦ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୧ତମ ସ୍ମୃତି ସମାରୋହ ଅବସରରେ ବୁଧବାର କଟକ ସତୀଚଉରା ଶ୍ମଶାନରେ ଥିବା ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

# ଆମେରିକାରେ ଓଡ଼ିଆ ଡାକ୍ତର ସମ୍ବର୍ଦ୍ଧିତ

**କଟକ,୨୩।୧୦ (କାର୍ତ୍ତିକ ସାହୁ):** କଟକର ଓଡ଼ିଆ ଡାକ୍ତର ଆୟୁଷ୍ମାନ ମିଶ୍ର ଚିକିତ୍ସା ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଆମେରିକାର ମିସୋରୀ ୱେଷ୍ଟସ୍ଥିତ ମର୍ସି ହସ୍ପିଟାଲ ଜେଫରସନ କାଉଣ୍ଟିରେ ଡା. ମିଶ୍ରଙ୍କ ଚିକିତ୍ସା ସେବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସେ ଇଣ୍ଟରନାଲ ମେଡିସିନରେ ଏମ୍‌ଡି କରିଛନ୍ତି। ଡା. ମିଶ୍ରଙ୍କୁ ଗାର୍ଡିଆନ କେୟାର ସମ୍ମାନ ପ୍ରଦାନ କରାଯାଇଛି। ନିଶା ନିବାରଣ ଚିକିତ୍ସା କ୍ଷେତ୍ରରେ ସେ ବହୁ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନିଶାଠାରୁ ଦୂରେଇବାରେ ତାଙ୍କର ଚିକିତ୍ସା ବିଶେଷ ଭାବେ ସହାୟକ ହୋଇଛି। ସେ ପୂର୍ବରୁ ମଧ୍ୟ ବହୁତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। କଟକ ତୁଳସୀପୁର ନିବାସୀ ଅବସରପ୍ରାପ୍ତ ଆୟକର ମୁଖ୍ୟ କମିଶନର କେ.କେ. ମିଶ୍ରଙ୍କର ପୁଅ ହେଉଛନ୍ତି ଡା. ଆୟୁଷ୍ମାନ ମିଶ୍ର।

**ସଂକ୍ଷେପରେ**

## ବାତ୍ୟା ପରିଚାଳନା ପାଇଁ ରୋଟାରୀ କ୍ଲବ ସମୂହର ପ୍ରସ୍ତୁତି

**କଟକ,୨୩।୧୦ (କାର୍ତ୍ତିକ ସାହୁ)**

ବାତ୍ୟା ପରିଚାଳନା ପାଇଁ କଟକ ସହରରେ ଥିବା ୧୪ଟି ରୋଟାରୀ କ୍ଲବ୍ ସମୂହର ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ କଟକ କ୍ଲବ୍ ଆନେକ୍ସ-୨୦ରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ସହ ସମ୍ପର୍କ ରଖି ପାନୀୟ ଜଳ, ଔଷଧ, ଶୁଖିଲା ଖାଦ୍ୟ, ମଶାରି ଏବଂ ଆବଶ୍ୟକ ସ୍ଥଳେ ସ୍ୱେଚ୍ଛାସେବୀମାନେ ପ୍ରସ୍ତୁତ ରହିବାକୁ ଆଲୋଚନା କରାଯାଇଛି। ଜିଲା କମିଟି ତରଫରୁ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା। ରୋଟାରୀ ଜିଲା ୩୨୬୨ର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ଜିଲା ଦୁର୍ବିପାକ ପରିଚାଳନା କମିଟି ଅଧ୍ୟକ୍ଷ ଇନ୍ଦ୍ରଜିତ୍ ସାହୁଙ୍କ ସଂଯୋଜନାରେ ବୈଠକ ପରିଚାଳିତ ହୋଇଥିଲା। ପୂର୍ବତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ର, ରୋଟାରିଆନ ମନୋରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ରୋଟାରୀ କ୍ଲବ୍ ସଭାପତି, ସମ୍ପାଦକ, ପୂର୍ବତନ ସଭାପତି ପ୍ରମୁଖ ଯୋଗଦେଇ ବାତ୍ୟା ସୁପରିଚାଳନା ନିମନ୍ତେ ମତ ଉପସ୍ଥାପନ କରିଥିଲେ। ରୋଟାରିଆନ ଡ. ଆଶୁତୋଷ ଦେବତା ସ୍ୱାଗତ ଭାଷଣ ଓ ଅକ୍ଷୟ ନାୟକ ଧନ୍ୟବାଦ ଦେଇଥିଲେ।

## ଗଜଲକ୍ଷ୍ମୀ ମେଲଣ ସରିଲା

**କଟକ ସଦର,୨୩।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲଠାରେ ଗଜଲକ୍ଷ୍ମୀ ମେଲଣ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷହୋଇଛି। ଏହିଗ୍ରାମର ୯ଟିସ୍ଥାନରେ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଥିଲା। ଝିଅ ଅନୁଷ୍ଠାନ, ବାଡିପୂଜା କମିଟି, ଗୁଡ଼ିଆସାହି, ଭୋଇସାହି, କଦମ୍ବମୂଳ, ବାଦୁଡ଼ା ବ୍ରାହ୍ମଣସାହି, ହଟୁଆରି, ବାଲିକୁଦା ପୂଜା କମିଟିର ମେଢ ମେଲଣ ପଡିଆରେ ଏକତ୍ରିତ ହୋଇଥିଲେ। ଏହାପରେ ମେଢ଼ଗୁଡିକୁ ସ୍ଥାନୀୟ ରତ୍ନ ଯୋଡିରେ ବିସର୍ଜନ କରାଯାଇଥିଲା। କମିଟିର ବିଶ୍ୱଜିତ୍ ବାଡି, ରବୀନ୍ଦ୍ର ବେହେରା, ବିଶ୍ୱଜିତ୍ ଭୋଇ, ଶରତ ଚନ୍ଦ୍ର ବାଡି, ରଘୁନାଥ ମୁଦୁଲି, ପ୍ରଦୀପ ଛେତ୍ରୀ, ବିକାଶ ବେହେରା, ଚିତ୍ତରଞ୍ଜନ ସାହୁ, ଦୀପକ କୁମାର ଭୋଇ ପ୍ରମୁଖ ମେଲଣ ପରିଚାଳନା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଧରଣୀଧର ବେହେରା, ବିଶ୍ୱଜିତ୍ ଶତପଥୀ, ମୃତ୍ୟୁଞ୍ଜୟ ମିଶ୍ର, ସୁରେନ୍ଦ୍ର ପାତ୍ର, ଅମିୟ ରଞ୍ଜନ ବେହେରା ପ୍ରମୁଖ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରିଥିଲେ।

## ଆକ୍ରମଣ ଘଟଣା: ୨ ଭାଇ ଗିରଫ

**କଟକ,୨୩।୧୦ (କାର୍ତ୍ତିକ ସାହୁ)**

କଟକ ସିଡିଏ ସେକ୍ଟର-୧୩ ପୂଜା ମଣ୍ଡପର ୩ ସଦସ୍ୟଙ୍କୁ ଆକ୍ରମଣ କରିବା ଘଟଣାରେ ଫେଜ୍-୨ ଥାନା ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟଦେବ ନାୟକ ଓ ଦୀନବନ୍ଧୁ ନାୟକ। ଏହି ମାମଲାରେ ଜଡ଼ିତ ଥିବା ପ୍ରାୟ ୧୫ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୧୩ ଦୁର୍ଗାପୂଜା ମଣ୍ଡପରେ ଦଶହରା ରାତିରେ ଆଶୁତୋଷ ପରିଡ଼ା (୨୮)ଙ୍କ ସହ ଆଉ ୨ ଜଣ ଶୋଇଥିଲେ। ଭସାଣି ଦିନ ଭୋର୍ ସମୟରେ ମଣ୍ଡପରେ ଟେଣ୍ଟ କାମ କରୁଥିବା ଜଣେ କର୍ମଚାରୀ ପହଞ୍ଚି ଟେଣ୍ଟ କପଡ଼ା ଖୋଲିବା ଆରମ୍ଭ କରିଥିଲେ। ଆଶୁତୋଷ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟେଣ୍ଟ ଦାୟିତ୍ୱରେ ଥିବା ଦୁଇଜଣ କର୍ମଚାରୀ ଅନ୍ୟମାନଙ୍କୁ ଫୋନ୍ କରି ଡାକିଥିଲେ। ଅନ୍ୟ କର୍ମଚାରୀମାନେ ସେଠାରେ ପହଞ୍ଚିବାରୁ ପୂଜା ମଣ୍ଡପ ସଦସ୍ୟ ଓ ଟେଣ୍ଟ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଆଶୁତୋଷଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପୂଜା ମଣ୍ଡପର ଆଉ ଦୁଇ ସଦସ୍ୟ ମଧ୍ୟ ଆହତ ହୋଇଥିଲେ। ଆଶୁତୋଷଙ୍କୁ ଗୁରୁତର ଅବସ୍ଥାରେ ସିଡିଏସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ସିଡିଏ ଫେଜ-୨ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

# ଅନ୍ଧାରରେ ଶିଶୁଭବନ, ରୋଗୀ ହନ୍ତସନ୍ତ

**କଟକ,୨୩।୧୦(ଶିଲ୍ପା ପ୍ରିୟଦର୍ଶିନୀ)**


ଶିଶୁଭବନ ଅନ୍ଧାର ଯୋଗୁ ଲାଇଟ୍‌ରେ ଜଣେ ଶିଶୁରୋଗୀଙ୍କୁ ଖାଇବାକୁ ଦିଆଯାଉଛି।

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ର ପୁରୁଣା କୋଠା ବୁଧବାର ମଧ୍ୟାହ୍ନରେ କିଛି ସମୟ ପାଇଁ ଅନ୍ଧାରରେ ରହିଥିଲା। ଏଥିଯୋଗୁ ଶିଶୁରୋଗୀ ହନ୍ତସନ୍ତ ହୋଇଛନ୍ତି। ଏହାକୁ ନେଇ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଶିଶୁଭବନ କୋଠାକୁ ସଂଯୋଗ କରିଥିବା ଟ୍ରାନ୍ସଫର୍ମର ମଙ୍ଗଳବାର ରାତିରେ ପୋଡିଯିବାରୁ ଲାଇନ୍ କଟିଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ପାଇଁ ଡିଜିସେଟ୍ ଚାଲୁ କରାଯାଇଥିଲା। ଦୀର୍ଘ ସମୟରେ ଡିଜି ଚାଲୁ ରହିବା ଫଳରେ ବୁଧବାର ମଧ୍ୟାହ୍ନରେ ତେଲ ସରିଯାଇଥିଲା। ଫଳରେ ପ୍ରାୟ ୨୦ ମିନିଟ୍ ଧରି ଶିଶୁଭବନ ଅନ୍ଧକାର ହୋଇପଡିଥିଲା। ବିଦ୍ୟୁତ୍ ନ ଥିବାରୁ କିଏ ବିଞ୍ଚଣାରେ ଶିଶୁରୋଗୀଙ୍କୁ ବିଞ୍ଚୁଥିଲେ ତ ଆଉ କିଏ ମୋବାଇଲ ଲାଇଟ୍‌ରେ ଖାଦ୍ୟ ଖୁଆଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ବାତ୍ୟା ପାଇଁ ଶିଶୁରୋଗୀଙ୍କ ଅଭିଭାବକଙ୍କ ମନରେ ଭୟ ରହିଛି। ତେବେ ବାତ୍ୟା ପୂର୍ବରୁ ମେଡିକାଲ ପରିସର ଅନ୍ଧକାର ହେବାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବାଲେଶ୍ୱରରୁ ଆସିଥିବା ଜଣେ ଶିଶୁରୋଗୀଙ୍କ ଅଭିଭାବକ ପରିଚୟ ଗୋପନ ରଖି କହିଛନ୍ତି, ବାତ୍ୟା ପୂର୍ବରୁ ମେଡିକାଲରେ ଲାଇନ୍ କଟିଯାଉଛି। ଫଳରେ ଚିକିତ୍ସାକୁ ନେଇ ମନରେ ଭୟ ସୃଷ୍ଟି ହୋଇଛି। ଏହି ଅବ୍ୟବସ୍ଥା ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଧ୍ୟାନ ଦେବା ଜରୁରୀ। ଏନେଇ ମେଡିକାଲର ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ ଡିଜିସେଟ୍ ପୋଡିଯିବା ଘଟଣାକୁ ଏଡାଇ ଦେଇ କହିଛନ୍ତି, ବାତ୍ୟା ପାଇଁ ଟ୍ରାନ୍ସଫର୍ମର ଓ ଡିଜିସେଟ୍ ଯାଞ୍ଚ କରାଯାଉଥିଲା। ଏଥିପାଇଁ କିଛି ସମୟ ବିଦ୍ୟୁତ୍ କାଟ୍ କରାଯାଇଥିଲା। ପରେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରାଯାଇଛି।


କଟକ ମିଶନରୋଡ଼ସ୍ଥିତ ଭଞ୍ଜମଣ୍ଡପରେ ୮୧ ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହର ବୁଧବାର ଚତୁର୍ଥ ସନ୍ଧ୍ୟାରେ କାକଟପୁର ମା' କଟକେଶ୍ୱରୀ ଲୋକନୃତ୍ୟ କଳା ପରିଷଦ ପକ୍ଷରୁ ପରିବେଷିତ ଚଇତି ଘୋଡ଼ାନାଚ।

# ବାପା ଆଣିଲେ ହତ୍ୟା ଅଭିଯୋଗ

**କଟକ ସଦର,୨୩।୧୦(ସୁଶାନ୍ତ କୁମାର ଜେନା)**

**ଯୁବତୀଙ୍କ ଝୁଲୁଥିବା ମୃତଦେହ ଜବତ**

କଟକ ଜିଲା କିଶନ ନଗର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମ ଭୁଆସୁଣୀ ପଡିଆରେ ଥିବା ବର ଗଛରୁ ବୁଧବାର ସକାଳେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ଗ୍ରାମର ସ୍ମିତିପ୍ରଜ୍ଞା ପ୍ରଧାନ। ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ବାପା ବ୍ରଜ କିଶୋର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୨୮୬/୨୪) ରୁଜୁ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଯୁବତୀ ଜଣଙ୍କ କନ୍ଦରପୁର ଥାନା ଅନ୍ତର୍ଗତ ଫକୀରପଡ଼ାଠାରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତେଣୁ ଏଠାରେ ଘରଭଡ଼ା ନେଇ ରହୁଥିଲେ। ବୁଧବାର ସକାଳେ ଓଢ଼ଣୀ ସାହାଯ୍ୟରେ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ସ୍କୁଟି ଓ ମୋବାଇଲ ଫୋନ ଜବତ କରିବା ସହ ମୃତ ଯୁବତୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରେ ସ୍ମିତିପ୍ରଜ୍ଞାଙ୍କ ବାପା ବ୍ରଜ କିଶୋର ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରପକ୍ଷରେ କଟକରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁସନ୍ଧାନ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ଏନେଇ ଥାନା ଅଧିକାରୀ ସୁମନ୍ତ କିଶାନ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି।

# ଆମେରିକାରେ ଓଡ଼ିଆ ଡାକ୍ତର ସମ୍ବର୍ଦ୍ଧିତ



**କଟକ,୨୩।୧୦(କାର୍ତ୍ତିକ ସାହୁ)**

କଟକର ଓଡ଼ିଆ ଡାକ୍ତର ଆୟୁଷ୍ମାନ ମିଶ୍ର ଚିକିତ୍ସା ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଆମେରିକାର ମିସୋରୀ ୱେଷ୍ଟସ୍ଥିତ ମର୍ସି ହସ୍ପିଟାଲ ଜେଫରସନ କାଉଣ୍ଟିରେ ଡା. ମିଶ୍ରଙ୍କ ଚିକିତ୍ସା ସେବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସେ ଇଣ୍ଟରନାଲ ମେଡିସିନରେ ଏମ୍‌ଡି କରିଛନ୍ତି। ଡା. ମିଶ୍ରଙ୍କୁ ଗାର୍ଡିଆନ କେୟାର ସମ୍ମାନ ପ୍ରଦାନ କରାଯାଇଛି। ନିଶା ନିବାରଣ ଚିକିତ୍ସା କ୍ଷେତ୍ରରେ ସେ ବହୁ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନିଶାଠାରୁ ଦୂରେଇବାରେ ତାଙ୍କର ଚିକିତ୍ସା ବିଶେଷ ଭାବେ ସହାୟକ ହୋଇଛି। ସେ ପୂର୍ବରୁ ମଧ୍ୟ ବହୁତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। କଟକ ତୁଳସୀପୁର ନିବାସୀ ଅବସରପ୍ରାପ୍ତ ଆୟକର ମୁଖ୍ୟ କମିଶନର କେ.କେ. ମିଶ୍ରଙ୍କର ପୁଅ ହେଉଛନ୍ତି ଡା. ଆୟୁଷ୍ମାନ ମିଶ୍ର।

## ୨ ଦିନ ଅଫ୍‌ଲାଇନ୍‌ରେ ବାଲିଯାତ୍ରା ପ୍ଲଟ୍ ପଞ୍ଜୀକରଣ ବନ୍ଦ

**କଟକ,୨୩।୧୦ (କାର୍ତ୍ତିକ ସାହୁ)**

ବାତ୍ୟାକୁ ଦୃଷ୍ଟିରେ ରଖି କଟକ ବାଲିଯାତ୍ରାରେ ଷ୍ଟଲ୍ ଖୋଲିବା ନିମନ୍ତେ ପ୍ଲଟ୍ ପଞ୍ଜୀକରଣ ୨ ଦିନ ପାଇଁ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। କଟକ ବାରବାଟୀ ପ୍ୟାଲେସଠାରେ ଚାଲିଥିବା ଏହି ଅଫ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଅକ୍ଟୋବର ୨୪ ଓ ୨୫ ତାରିଖ ବନ୍ଦ ରହିବ। ତେବେ ଅନ୍‌ଲାଇନ୍ ମାଧ୍ୟମରେ baliyatra.netରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ବାତ୍ୟା ପରବର୍ତ୍ତୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୨୬ ତାରିଖ ଅଫ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବାତ୍ୟା ଆଶ୍ରୟସ୍ଥଳକୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ


ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟମାନେ।

**କଟକ ସଦର,୨୩।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ନିର୍ବାଚନମଣ୍ଡଳୀରେ ବାତ୍ୟା ମୁକାବିଲା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ କିଶୋର ନଗରଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିଶ୍ଚିନ୍ତକୋଇଲି ବିଡିଓ, ଯନ୍ତ୍ରୀ, କଟକ ସଦର ଓ କିଶନ ନଗର ତହସିଲଦାର, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗର ପ୍ରତିନିଧି ଯୋଗଦେଇଥିଲେ। ଉଭୟ ବ୍ଲକ ଅଞ୍ଚଳରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। କଚାଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଗୁରୁବାର ସୁଦ୍ଧା ସ୍ଥାନାନ୍ତର କରାଯିବ। ସମସ୍ତ ଆସନ୍ନ ପ୍ରସବା ମହିଳାଙ୍କୁ ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ବୋଲି ଡା. ବଞ୍ଚୁ ମାରାଣ୍ଡି କହିଛନ୍ତି। ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ଫୋନ ନମ୍ବର ଜନସାଧାରଣଙ୍କୁ ଜଣାଇ ଦିଆଯାଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିଧାୟକ ସେଠୀ ସମସ୍ତ ସରକାରୀ ଅଧିକାରୀ, ଜନସାଧାରଣ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ସେହିପରି ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ମଧ୍ୟ କଟକ ସଦର ବିଡିଓ ରୁମାନା ଜାଫ୍ରିଙ୍କ ସହିତ ବାତ୍ୟା ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ କଟକ ସଦର ବ୍ଲକ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ ବାତ୍ୟା ସମୟରେ ଲୋକଙ୍କୁ ସହାୟତା କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ କଟକ ସଦର ବ୍ଲକ ପକ୍ଷରୁ କେହି ପ୍ରତିନିଧି ଉପସ୍ଥିତ ନ ଥିଲେ।

# ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା ଥିଲେ ଭଗବତୀ ଚରଣ ପାଣିଗ୍ରାହୀ

**କଟକ,୨୩।୧୦(କାର୍ତ୍ତିକ ସାହୁ)**


ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୧ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଅବସରରେ ବୁଧବାର କଟକ ସତୀଚଉରା ଶ୍ମଶାନରେ ଥିବା ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

ଜଣେ ମହାନ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ମହାରଥୀ ଭାବେ ଭଗବତୀ ଚରଣ ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ। ସେ ଥିଲେ ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା। ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ସେବାରେ ସେ ଜୀବନକୁ ଉତ୍ସର୍ଗ କରିଥିବାବେଳେ ୩୫ ବର୍ଷରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଚାଷୀ ମୂଲିଆ ଆନ୍ଦୋଳନର କାଣ୍ଡାରୀ, ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ଭାବେ ଭଗବତୀ ଚରଣ ଜନମାନସରେ ବେଶ୍ ପରିଚୟ ଲାଭ କରିଥିଲେ ବୋଲି ତାଙ୍କର ୮୧ତମ ସ୍ମୃତି ସମାରୋହରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି।

କଟକ ସତୀଚଉରାଠାରେ ଶ୍ରମିକ ନେତା କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିଡିଏରେ ଥିବା ଭଗବତୀ ପାର୍କରେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବେ ବୋଲି ଘୋଷଣା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ସିପିଆଇ(ଏମ୍) ନେତା ରବିନାରାୟଣ ମଲ୍ଲିକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନେତା ଖଗେଶ୍ୱର ସେଠୀ, ସମତା ମଞ୍ଚର ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମ୍‌ର ପ୍ରଶାନ୍ତ ଦାସ, କୃଷକ ନେତା କ୍ଷିରୋଦ ସିଂହଦେଓ, ଶିକ୍ଷକ ନେତା ବିବେକାନନ୍ଦ ଦାଶ, ଆଡ୍‌ଭୋକେଟ୍ ଭିକାରି ଦାସ, କୃଷ୍ଣପ୍ରିୟା ମିଶ୍ର, ସୁଶାନ୍ତ ମହାପାତ୍ର, ଜୟନ୍ତ ଦାସ, ପ୍ରଦୀପ ଷଡଙ୍ଗୀ, ଅମରେନ୍ଦୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ଓ ଅଭୟ ପଟ୍ଟନାୟକ ଭଗବତୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଅଶୋକ ତା, ସାନନ୍ଦ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଆଳୁ କଳାବଜାରୀ ରୋକିବାକୁ କଟକ ଛତ୍ରବଜାର ଅର୍ବାନ ହାଟରେ ବୁଧବାର ଯୋଗାଣ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।


ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ ଓ କମିଶନର ଅନାମ ଚରଣ ପାତ୍ର ବୁଧବାର କଟକ ସହରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।




୨୩।୧୦।୨୦୨୪

| | |
|---|---|
| ୨,୪୪,୮୭୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୫.୯୯୦ ଗ୍ରାମ୍ |

# ୨୪, ୨୫ରେ ହବିଷିଆଳିଙ୍କ ଶ୍ରୀମନ୍ଦିର ଦର୍ଶନ ବନ୍ଦ

## ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବୁଧବାର ପୁରୀ ଜିଲାକୁ ୟେଲୋ ଜୋନ୍ ଘୋଷଣା କରିଥିବା ବେଳେ ୨୪ ଓ ୨୫ ତାରିଖକୁ ଅରେଞ୍ଜ ଜୋନ୍ ଘୋଷଣା କରାଯାଇଛି। ପାଣିପାଗ ବିଭାଗ ଆକଳନ ଅନୁସାରେ ପୁରୀରେ ବାତ୍ୟାର ପ୍ରଭାବ ରହିଲେ ମଧ୍ୟ ସେଭଳି ଭୟଭୀତ ନ ହେବା ପାଇଁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ସାଙ୍ଗକୁ ୬୦ରୁ ୯୦ କି.ମି. ପର୍ଯ୍ୟନ୍ତ ପବନ ବହିବାକୁ ଥିବାବେଳେ ଭୟଭୀତ ନ ହୋଇ କେବଳ ସତର୍କ ଓ ସୁରକ୍ଷିତ ରହିବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି। ତେଣୁ ୨୪ ଓ ୨୫ ତାରିଖ ହବିଷିଆଳି ମା'ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ଦର୍ଶନ ବନ୍ଦ ରଖାଯିବ।

ଜିଲାରେ ୨ ଓଡ୍ରାଫ ଟିମ୍, ୨ ଏନ୍‌ଡିଆରଏଫ୍ ଟିମ୍ ସମେତ ଅଗ୍ନିଶମ ବିଭାଗର ଅତିରିକ୍ତ ଟିମ୍ ମୁତୟନ ରହିଛନ୍ତି। ଜିଲାରେ ସମୁଦାୟ ୨୬ ଟିମ୍ ବିପର୍ଯ୍ୟୟ ମୁକାବିଲା ପାଇଁ ମୁତୟନ ରହିଛନ୍ତି। ୧୧ଟି ବ୍ଲକ୍ ସମେତ ଅତିରିକ୍ତ ୬ଟି ଫାୟାର ଟିମ୍ ମୁତୟନ ଅଛନ୍ତି। ରାଜସ୍ୱ, ପୋଲିସ ଭେଟେରିନାରୀ ଟିମ୍ ପ୍ରସ୍ତୁତ ରହିବା ସହିତ ୮୦୦ ଦକ୍ଷ ମାନବ ସମ୍ବଳ ସମ୍ପନ୍ନ ଟିପିସିଓଡିଏଲ ଟିମ୍ ପ୍ରସ୍ତୁତ ରହିଛି। ସେହିଭଳି ୧୭୯ଟି ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ କଲେଜ ସମେତ ୩୭୦ଟି ଅସ୍ଥାୟୀ କେନ୍ଦ୍ର ପ୍ରସ୍ତୁତ ରହିଛି। କ୍ଷୟକ୍ଷତି ଆକଳନ ସହ କିପରି ବାତ୍ୟା ପରବର୍ତ୍ତୀ ବିପର୍ଯ୍ୟୟ ମୁକାବିଲା ଦ୍ରୁତ ପରିଚାଳନା କରାଯାଇପାରିବ ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି, ବାତ୍ୟା ମୁକାବଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ମୁତୟନ ହୋଇଥିବା ଓଡ୍ରାଫ ଟିମ୍‌କୁ ୬ ଗୋଟି ଭାଗରେ ବିଭକ୍ତ କରାଯାଇ ବିଭିନ୍ନ ସ୍ଥାନକୁ ପଠାଯାଇଛି। ଏନଡିଆରଏଫ୍‌ର ଗୋଟିଏ ଟିମ୍‌କୁ କୃଷ୍ଣପ୍ରସାଦରେ ଓ ଆଉ ଗୋଟିଏ ଟିମ୍ ହେଡ୍‌କ୍ୱାର୍ଟର୍ସରେ ମୁତୟନ ରହିଛନ୍ତି। ପାଣି ଯୋଗାଣ ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଓ ୱାଟ୍‌କୋ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଅଗ୍ନିଶ୍ରମ ବିଭାଗ କର୍ମଚାରୀ ସମସ୍ତ ବ୍ଲକ୍‌ରେ ମୁତୟନ ରହିଛନ୍ତି। ସମସ୍ତ ବ୍ଲକରେ ସନିୟର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ହବିଷିଆଳିମାନେ ସେଣ୍ଟରଗୁଡ଼ିକରେ ରହିଛନ୍ତି। ଆବଶ୍ୟକ ପଡ଼ିଲେ ସ୍ଥାନାନ୍ତର କରାଯିବ। ସମସ୍ତ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ୨୪ ଓ ୨୫ରେ ହବିଷିଆଳି ମା'ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ଦର୍ଶନ ବନ୍ଦ ରଖାଯିବ। ଏଥିସହ ପ୍ରଶାସନ ପକ୍ଷରୁ କେନ୍ଦ୍ରଗୁଡ଼ିକର ଯାଞ୍ଚ କରାଯାଇଛି। କେନ୍ଦ୍ରଗୁଡ଼ିକରେ ଡିଜି ସେଟ୍, ୩୦୦ ଲିଟର ଡିଜେଲ ମହଜୁଦ୍ ରଖାଯାଇଛି। ପରିମଳ ଉପରେ ଧ୍ୟାନ ଦିଆଯାଇଛି। ପାଣି ନଷ୍ଟ ନ କରିବାକୁ ହବିଷିଆଳିମାନଙ୍କୁ ପରାମର୍ଶ ଦିଆଯାଇଛି। ଭକ୍ତଙ୍କ ଦର୍ଶନ ଉପରେ କୌଣସି କଟକଣା ଲାଗୁ କରାଯାଇ ନାହିଁ। ତେବେ ଅଧିକ ବର୍ଷା ସମୟରେ ଭକ୍ତମାନେ ଶ୍ରୀମନ୍ଦିର ପରିସରକୁ ନ ଯାଇ ସୁରକ୍ଷିତ ଭାବରେ ଘରେ ରହିବା ନିମନ୍ତେ ଅନୁରୋଧ କରାଯାଉଛି। ସେହିପରି ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଚାରି ଦ୍ୱାର ସେଡ ଓ ଆନନ୍ଦବଜାର ସେଡ୍‌ର ଫ୍ରେମ୍‌ରୁ ଜରି ପାଲ କାଢ଼ି ନିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ବେଳାଭୂମିରେ ପର୍ଯ୍ୟଟକମାନଙ୍କ ସ୍ନାନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ୧୪ଟି ସେକ୍ଟରରେ ୯୮ ଜଣ ସରକାରୀ ଲାଇଫ୍ ଗାର୍ଡ ମୁତୟନ ରହିଛନ୍ତି।

# ପେଣ୍ଠକଟାବାସିନ୍ଦାଙ୍କ ସହ ଆଲୋଚନା କଲେ ଏମ୍‌ପି


ପୁରୀ ଏମ୍‌ପି ସମ୍ବିତ ପାତ୍ର ସମୁଦ୍ର କୂଳରେ ପେଣ୍ଠକଟାବାସୀଙ୍କ ସହ ଆଲୋଚନା କରୁଛନ୍ତି।

ପୁରୀ, ୨୩।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା 'ଦାନା'ର ମୁକାବିଲା ନେଇ ପୁରୀ ଏମ୍‌ପି ସମ୍ବିତ ପାତ୍ର ସମୀକ୍ଷା ବୈଠକ କରିଛନ୍ତି। ଏମ୍‌ପି ପାତ୍ର ବୁଧବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚି ବାତ୍ୟା ଦାନା ସମ୍ପର୍କରେ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ବାତ୍ୟା ମୁକାବିଲା ନେଇ ପ୍ରଶାସନ ପକ୍ଷରୁ କିଭଳି ପ୍ରସ୍ତୁତି ରହିଛି, ସେନେଇ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସମସ୍ତ ବିଭାଗର ଅଧିକାରୀମାନେ କିଭଳି ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଇଛି। ତେବେ ପୁରୀ ଅରେଞ୍ଜ ଜୋନ୍‌ରେ ଆସୁଥିବାରୁ ୬୦ ରୁ ୯୦ କିଲୋମିଟର ବେଗରେ ପବନ ସାଙ୍ଗକୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୭୯ଟି ବାତ୍ୟା ଆଶ୍ରୟସ୍ଥଳୀରେ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିସହ ରେଡକ୍ରସ୍‌ର ୯ଟି ସେଣ୍ଟର ରହିଛି। ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀକୁ ଅଣାଯିବ ବୋଲି ପାତ୍ର କହିଥିଲେ। ପରେ ସେ ବାତ୍ୟା ଆଶ୍ରୟସ୍ଥଳୀରେ କିଭଳି ବ୍ୟବସ୍ଥା ରହିଛି ସେନେଇ ଅନୁଧ୍ୟାନ କରିଛନ୍ତି। ଗର୍ଭବତୀ ମହିଳାଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ କୂଳକୁ ଫେରିଆସିଛନ୍ତି। ଜିଲା ପ୍ରଶାସନ ଏ ନେଇ ସଜାଗ ରହିଛନ୍ତି। ଏନ୍‌ଡିଏ ଓଡ୍ରାଫ ମୁତୟନ ରହିଛନ୍ତି। ୨୯ଟି ବୋଟ୍ ପ୍ରସ୍ତୁତ ରହିଛି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ। ପଶୁପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଜନସାଧାରଣ ପ୍ରଶାସନକୁ ସାହାଯ୍ୟ କରିବାକୁ ସମ୍ବିତ ନିବେଦନ କରିଛନ୍ତି। ପରେ ସେ ପେଣ୍ଠକଟା ଯାଇ ବସ୍ତିବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ବାତ୍ୟା ପୂର୍ବରୁ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ପରାମର୍ଶ ଦେଇଥିଲେ।

# ଖଣ୍ଡା ଚୋଟରେ ୨ ଗୁରୁତର
## ଗଜଲକ୍ଷ୍ମୀ ଭସାଣିକୁ ନେଇ ହିଂସା

ପିପିଲି,୨୩।୧୦(ଦୁର୍ଗାମାଧବ ମିଶ୍ର)

ଗଜଲକ୍ଷ୍ମୀ ଭସାଣିକୁ ନେଇ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ମାଟିଆପଡ଼ା ଗ୍ରାମରେ ଗଣ୍ଡଗୋଳ ଘଟିଛି। ଖଣ୍ଡା ଚୋଟରେ ୨ ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଆକ୍ରମଣରେ ଏକ କାର୍ ମଧ୍ୟ ଭାଙ୍ଗିରୁଜି ଯାଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଉଭୟ ଗୋଷ୍ଠୀ ପକ୍ଷରୁ ପିପିଲି ଥାନାରେ ଅଭିଯୋଗ କରାଯାଇ ଥିବାବେଳେ ପୋଲିସ ଏନେଇ ୨ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାଟିଆପଡ଼ା ଗ୍ରାମରେ ଗଜଲକ୍ଷ୍ମୀ ଭସାଣିକୁ ନେଇ ଗତ ୨ ଦିନ ହେବ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ବୁଧବାର ଏହା ଉଗ୍ର ରୂପ ନେଇଥିଲା। ଏକ ଗୋଷ୍ଠୀର ଖଣ୍ଡା ଚୋଟରେ ପ୍ରଶାନ୍ତ ପ୍ରଧାନ(୩୮)ଙ୍କ ବେକ ଏବଂ ସତ୍ୟଜିତ୍ (୨୨)ଙ୍କ ଗୋଡ଼ରେ ଆଘାତ ଲାଗି ପିପିଲି ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି।

# ଅଧା ପାଚିଲା ଫସଲକୁ ଘରକୁ ଆଣିଲେ ଚାଷୀ

କାକଟପୁର,୨୩।୧୦(ଶୁଭଦର୍ଶନ ମିଶ୍ର)


ବାତ୍ୟା ଭୟରେ ଚାଷୀ ଧାନ କାଟି ଆଣୁଛନ୍ତି।

ମାଡ଼ି ଆସୁଛି 'ଦାନା'। ଚାଷୀଙ୍କ ବର୍ଷକର ଦାନା ଛଡ଼ାଇନେବ। ସମ୍ଭାବ୍ୟ ବାତ୍ୟା ଦାନା ଭୟରେ ଭୟଭୀତ ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳର ଚାଷୀକୁଳ। ମହାବାତ୍ୟା, ଫାଇଲିନ୍, ହୁଡ୍‌ହୁଡ୍, ତିତଲୀ, ଫନୀ ଆଦି ବାତ୍ୟାରେ ବିପୁଳ କ୍ଷତି ସହିଥିବା ଏବଂ ଏଯାଏ ଅଣ୍ଟା ସଳଖି ପାରି ନ ଥିବା ଚାଷୀଙ୍କୁ ପୁଣି ଦାନା ଡରାଇଲାଣି। ଏବେ କେଉଁଠି ଧାନ ଗଛରେ ଥୋଡ଼ ବାହାରିଛି ତ ଆଉ କେଉଁଠି କିଛି ହୋଇନି। କେଉଁଠି ଧାନ କେଣ୍ଡା ବାହାରିଗଲାଣି ଆଉ କେଉଁଠି ଧାନ ଗଛ ଅଧା ପାଚିବା ଅବସ୍ଥାକୁ ଆସିଗଲାଣି। ଏବେ ଚାଷୀ ବାତ୍ୟା ଭୟରେ ଅଧାପାଚିଲା ଧାନ କାଟି ଆଣୁଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କୃଷି ବିଭାଗ ସୂଚନା ଅନୁସାରେ ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକରେ ୯୦୩୨ ହେକ୍ଟର ଜମିରେ ଖରିଫ ଧାନ ଫସଲ ହୋଇଛି। ସେଥିମଧ୍ୟରୁ ୫୭୬୯ ହେକ୍ଟର ଖାଲୁଆ ଜମି ବୋଲି ରିପୋର୍ଟ ମିଳିଛି। ୧୩୮୨ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇଛି। ପବନ, ବର୍ଷା ହେଲେ ଏହି ଖାଲୁଆ ଚାଷ ଜମି ଅଧିକ ପ୍ରଭାବିତ ହେବ ବୋଲି ଆକଳନ ହୋଇଛି। ସମ୍ଭାବ୍ୟ ବାତ୍ୟା ଦାନାକୁ ଲକ୍ଷ୍ୟ ରଖି ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି। ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ଆଦେଶ ଅନୁଯାୟୀ କୃଷି ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀମାନେ ଧାନ ଓ ପରିବା ଫସଲ ଚିଠା ପ୍ରସ୍ତୁତ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ, ଓସ୍ତପୁର, ଝାରିଆ ଅଞ୍ଚଳରେ ବାଇଗଣ, ଭେଣ୍ଡି, ମୂଳା, କାକୁଡ଼ି, ପୋଟଳ, ଝୁଡ଼ଙ୍ଗ, ବିନ, ଧନିଆ, ବନ୍ଧା ଓ ଫୁଲ କୋବି ଆଦି ପରିବା ଚାଷ ହୋଇଥାଏ। ଏହି ଅଞ୍ଚଳର ସବୁଜ ପନିପରିବା ଅସ୍ତରଙ୍ଗ, କୁଣ୍ଡେଇ, ନୟାହାଟ ଅଞ୍ଚଳକୁ ପଠା ଯାଇଥାଏ। ବେଗୁନିଆବସ୍ତ ଗ୍ରାମର ଚାଷୀ ବାବୁରାମ ବରାଳ ଏଥର ୫ଏକରରୁ ଉର୍ଦ୍ଧ୍ୱ ଜମିରେ କୋବି, ବାଇଗଣ ସହ ଅନ୍ୟାନ୍ୟ ଫସଲ ଚାଷ କରୁଥିଲେ। ବାତ୍ୟା ନାଁ ଶୁଣିଲେ ଏବେ ଭୟ ଲାଗୁଥିବା କହିଛନ୍ତି।

# ଯୋଗାଣ ବିଭାଗର ଧରପଗଡ଼ ଜାରି

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା 'ଦାନା' ନେଇ ସୂଚନା ମିଳିବା ପରେ ଖାଉଟି ସାମଗ୍ରୀରେ କଳାବଜାର ହେଉଥିବା ବିଭିନ୍ନ ସ୍ଥାନରୁ ଅଭିଯୋଗ ମିଳିଥିଲା। ଏପରିକି କଳାବଜାର କାରଣରୁ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ପାଇଥିଲା। କଳାବଜାରକୁ ରୋକିବା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଜିଲା ପ୍ରଶାସନକୁ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଯେପରି ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର କଳାବଜାର ନ ହୁଏ ସେଥିପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗାଣ ବିଭାଗକୁ ପଦକ୍ଷେପ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକଠାରୁ ଅଧିକ ମୂଲ୍ୟରେ ସାମଗ୍ରୀ ବିକ୍ରି କରିଥାନ୍ତି। ଏହାକୁ ପ୍ରତିହତ କରିବା ସହ ଠିକ୍ ମୂଲ୍ୟରେ ସାମଗ୍ରୀ ଯୋଗାଣ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଧରପଗଡ଼ ଜାରି ରହିଛି। ସମସ୍ତ ବ୍ୟବସାୟୀଙ୍କୁ ଉଚିତ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ପାଇଁ ପରାମର୍ଶ ଦିଆଯାଇଛି। ତାହାର ଅନୁଧ୍ୟାନ ପାଇଁ ଧରପଗଡ଼ ଟିମ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ସୂଚନା ଦେବା ସହ ଉଲ୍ଲଂଘନ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦେଇଛନ୍ତି।

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ

ପୁରୀ,୨୩।୧୦ (ଅଜିତ୍ କୁମାର ମହାନ୍ତି)

ବାତ୍ୟାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟ ପ୍ରଶାସକ ସମସ୍ତ ବ୍ୟବସ୍ଥାର ଟିକିନିଖି ଭାବେ ତଦାରଖ କରିବା ସହ ପ୍ରଶାସକ ତଥା ଅନ୍ୟ ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନ ହେବ ସେ ଦିଗରେ ପଦକ୍ଷେପ ନେବାକୁ ସମସ୍ତ ସେବକ ତଥା କର୍ମଚାରୀଙ୍କୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାତ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦବଜାରରେ ଅସ୍ଥାୟୀ ଟିଣ ତଥା ପାଲ ଛାତ ବାହାର କରିଦିଆଯାଇଛି। ବର୍ଷା ପାଣିରୁ ରକ୍ଷା ପାଇଁ ଅସ୍ଥାୟୀ ଖଟଶେଯ ଘର ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିଂହଦ୍ୱାର ସମ୍ମୁଖ ଏଲ୍‌ଇଡି ସ୍କ୍ରିନ୍‌କୁ କଢ଼ାଯାଇଥିବା ବେଳେ ସୂଚନା କେନ୍ଦ୍ର କାଚ ସ୍ଥାନରେ ପ୍ଲାଇଉଡ୍ ଲଗାଯାଇଛି। କୋଇଲି ବୈକୁଣ୍ଠ ପରିସର ସ୍ଥିତ ଗୃହଗୁଡ଼ିକର ଟିଣ ସିଟ୍ ଛାତ ଉପରେ ବାଲି ବସ୍ତା ଦିଆଯାଇଛି। ସାତପାହାଚ ନିକଟରେ ଭକ୍ତମାନଙ୍କ ସୁବିଧା ପାଇଁ ଥିବା ଧାଡ଼ି ବ୍ୟବସ୍ଥା ବାରିକେଡ୍ ଉପର ଛାତ କଢ଼ାଯାଇଥିବା ବେଳେ ଉପବନରୁ ସୌନ୍ଦର୍ଯ୍ୟକରଣ ଲାଇଟ୍ ବାହାର କରାଯାଇଛି। ସିଂହଦ୍ୱାର ସମ୍ମୁଖ ଧାଡ଼ି ବ୍ୟବସ୍ଥା ଉପର ପାଲ କଢ଼ାଯାଇଥିବା ବେଳେ ସମସ୍ତ ହାଲୁକା ବାରିକେଡ୍‌କୁ ଗୋଟିଏ ଜାଗାରେ ଜମା କରି ରଶି ଦ୍ୱାରା ବନ୍ଧା ଯିବା ନେଇ ନିଷ୍ପତ୍ତି ହୋଇଛି। ସମସ୍ତ ଜେନେରେଟର ସେଟ ଡିଜେଲ ଭର୍ତ୍ତି କରାଯିବା ସହ ଗୋଟିଏ ଜେସିବି ରିଜର୍ଭ ରଖାଯାଇଛି। ସେହିପରି ସିସିଟିଭି ବ୍ୟବସ୍ଥା ଯେପରି ପ୍ରଭାବିତ ନ ହେବ ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ସବୁ ବ୍ୟବସ୍ଥା ସହ ଆବଶ୍ୟକସ୍ଥଳେ ଏଏସଆଇ ଏବଂ ଓବିସିସି ସହ ପରାମର୍ଶ କରି ପଦକ୍ଷେପ ନେବାକୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

# ଦରଦାମ ବୃଦ୍ଧି ଲାଗି ଚାରିଛକ ଥାନା ଅଧିକାରିଣୀଙ୍କ ଚଢ଼ାଉ



ଚାରିଛକ,୨୩।୧୦(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ବଜାରରେ ସ୍ଥାନୀୟ ଥାନାଧିକାରୀ ମମତା ବିଶ୍ୱାଳ ଓ ତାଙ୍କ ଟିମ୍ ଆସି ଚାରିଛକରେ ଥିବା ସବୁଦିନିଆ ହାଟ ସହିତ ବିଭିନ୍ନ ଗ୍ରୋସରୀ, ପରିବା ଦୋକାନରେ ଅଚାନକ ଚଢ଼ାଉ କରିଥିଲେ। ପ୍ରକାଶ ଯେ, ବାତ୍ୟା ପାଇଁ କେତେଜଣ ବ୍ୟବସାୟୀ ମନଇଚ୍ଛା ଚଢ଼ାଦରରେ ପରିବା, ଗ୍ରୋସରୀ ବିକ୍ରି ହେଉଥିବା ଖବରପାଇ ଚାରିଛକ ଥାନା ଅଧିକାରିଣୀ ବିଶ୍ୱାଳ ଆସି ଚଢ଼ାଉ କରିବା ସହିତ ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ ବୁଝାଇ କହିଥିଲେ। ଏହି ଚଢ଼ାଉ ଓ ସଚେତନତା କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଥାନା ଅଧିକାରିଣୀ ବିଶ୍ୱାଳଙ୍କ ଏପରି ଏକ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଡେଲାଙ୍ଗ,୨୩।୧୦(ରଶ୍ମିରଞ୍ଜନ ପ୍ରଧାନ)



ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଚିହ୍ନଟ ଲକ୍ଷ୍ୟ ନେଇ ଡେଲାଙ୍ଗ ବ୍ଲକର ୧୬ଟି ଆଞ୍ଚଳିକ ସାଧନକେନ୍ଦ୍ରସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଦଳଙ୍କୁ ନେଇ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗଡ଼ମୋଟରୀ ବିଶ୍ୱନାଥ ଦେବ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ପ୍ରତିଯୋଗୀ ଦଳଙ୍କୁ ପୁରସ୍କାର, ଆଶିଷ ପତ୍ର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଓ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ଶିଶୁ ମହୋତ୍ସବ ଉଦ୍‌ଘାଟନ କରିଥିଲେ। କଲ୍ୟାଣପୁର ଉପ୍ରା ବିଦ୍ୟାଳୟ ଛାତ୍ର ଆଶିଷ ଅରବିନ୍ଦ ପ୍ରଧାନ କୁଇଜ୍ କନିଷ୍ଠ ବର୍ଗ ଓ ଇନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ପ୍ରତିଯୋଗୀ ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ବିନୋଦ ପାରିମାଣିକ ଉଦ୍‌ଘାଟନ ଓ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ପ୍ରତିଯୋଗିତାର ଶ୍ରେଷ୍ଠତମ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି।

# ପୁରୀ ଏସ୍‌ପିଙ୍କ ଅସ୍ତରଙ୍ଗ ଗସ୍ତ

## ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କଲେ

କାକଟପୁର,୨୩।୧୦
(ଶୁଭଦର୍ଶନ ମିଶ୍ର)



ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିଝଡ଼ ଦାନାକୁ ନେଇ ପ୍ରଶାସନ ସଜାଗ ଥିବାବେଳେ ବୁଧବାର ସନ୍ଧ୍ୟାରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଅଚାନକ ଅସ୍ତରଙ୍ଗ ଗସ୍ତ କରିବା ସହ ନୂତନ ଥାନା ପରିଦର୍ଶନ କରି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ବାତ୍ୟା ଦାନାକୁ ନେଇ ଏକ ଆଭାସୀ ବୈଠକରେ ସାମିଲ ହୋଇଥିଲେ। ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଆନୁଷଙ୍ଗିକ ଜିନିଷ ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଡିଏସପି ଜେ. କେ ଦେହୁରୀଙ୍କ ସମେତ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ଉପସ୍ଥିତ ଥିଲେ।

# ଭୟଭୀତ ନୁହେଁ ସତର୍କ, ସଚେତନ ରହିବାକୁ ଅନୁରୋଧ

## ଜିଲାରେ ୧୭ଟି ଅଗ୍ନିଶମ ଟିମ୍ ପ୍ରସ୍ତୁତ

## ଅଧିକାରୀମାନଙ୍କୁ ବ୍ଲକର ସବୁ ଦାୟିତ୍ୱ

ପୁରୀ,୨୩।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକ ତଦାରଖ ଦାୟିତ୍ୱ ଦିଆଯାଇଛି। ଭୟଭୀତ ନୁହେଁ ସତର୍କ ଓ ସଚେତନ ରହିବାକୁ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ବାତ୍ୟା ମୁକାବିଲା ପାଇଁ ଦୈନିକ ସମୀକ୍ଷା ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକଙ୍କୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ସହ କୋଣାର୍କ ଏନ୍‌ଏସି, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କୁ କଣାସ ଓ ସତ୍ୟବାଦୀ ବ୍ଲକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କୁ ଗୋପ ଓ ନିମାପଡ଼ା ବ୍ଲକ ସହ ନିମାପଡ଼ା ଏନ୍‌ଏସି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପାର୍ଶ୍ୱର ୭ଟି ପଞ୍ଚାୟତ, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପୁରୀ ପୌରପାଳିକା, ଉପଜିଲାପାଳ ଗୋପୀନାଥ କୁଅଁରଙ୍କୁ ପୁରୀ ସଦର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀଙ୍କୁ ପିପିଲି ଓ ଡେଲାଙ୍ଗ ବ୍ଲକ ସହ ପିପିଲି ଏନ୍‌ଏସି ଓ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କୁ କୃଷ୍ଣ ପ୍ରସାଦ ବ୍ଲକ ଜହ୍ନିକୁଦା ପାର୍ଶ୍ୱର ୧୪ଟି ପଞ୍ଚାୟତ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେମାନେ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ ସହ ବିଡିଓ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସାଧାରଣ ଲୋକଙ୍କୁ ସହାୟତା ଓ ସୁରକ୍ଷିତ ଭାବେ ରଖିବା ପାଇଁ ପଦକ୍ଷେପ ନେବେ। ଜିଲାର ୧୭୯ ବହୁମୁଖୀ ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରାଯାଇଥିବା ବେଳେ ବିକଳ୍ପ ୩୭୦ ଆଶ୍ରୟସ୍ଥଳକୁ ମଧ୍ୟ ପ୍ରସ୍ତୁତ କରାଯାଇଛି। ଇତିମଧ୍ୟରେ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫର ୨ଟି ଲେଖାଏଁ ଟିମ୍ ଜିଲାରେ ପହଞ୍ଚିଛନ୍ତି। ଅଗ୍ନିଶମର ୧୧ଟି ଟିମ୍ ପ୍ରତି ବ୍ଲକରେ ଥିବା ବେଳେ ଅତିରିକ୍ତ ୬ଟି ଟିମ୍ ଜିଲା ପାଇଁ ରହିଛନ୍ତି। ସମୁଦ୍ର ମଧ୍ୟରେ ଥିବା ସମସ୍ତ ୩୭୧୭ ମାଛଧରା ବୋଟ କୂଳକୁ ଫେରାଇ ଅଣାଯାଇଛି। ଏସ୍‌ଆରସିର ୨୯ଟି ବୋଟ ଜିଲାରେ ଉପଲବ୍ଧ ରହିଛି। ୨୦୦ ଆପଦ ମିତ୍ର ସ୍ୱେଚ୍ଛାସେବୀ ମହଜୁଦ ଅଛନ୍ତି। ୮୫୬ ଗର୍ଭବତୀ ମା' ଯେଉଁମାନଙ୍କ ପ୍ରସବ ସମୟ ଏକ ସପ୍ତାହ ମଧ୍ୟରେ ରହିଛି ସେମାନଙ୍କୁ ଚିହ୍ନଟ କରାଯାଇ ଚିକିତ୍ସାଳୟକୁ ନିଆଯାଉଛି। ଜନସାଧାରଣଙ୍କୁ ସୁରକ୍ଷା ଦେବା ଓ ନିରାପଦ ରଖିବାକୁ ପ୍ରଶାସନ ସମସ୍ତ ପଦକ୍ଷେପ ନେବା ସହ ନିୟନ୍ତ୍ରଣ କକ୍ଷ ନମ୍ବର ୦୬୭୫୨–୨୨୩୨୩୭ ସହ ହେଲ୍ପ ଲାଇନ୍ ନମ୍ବର ୧୦୭୭ ମଧ୍ୟ ଜାରି କରାଯାଇଛି ବୋଲି ଜିଲାପାଳ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବାତ୍ୟା ପାଇଁ ୩୨ ଆଶ୍ରୟସ୍ଥଳ ପ୍ରସ୍ତୁତ

ସାକ୍ଷୀଗୋପାଳ,୨୩।୧୦
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)


ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ସତ୍ୟବାଦୀ ଥାନାଧିକାରୀ, ତହସିଲଦାର ଓ ବିଡିଓ ଲୋକଙ୍କୁ ଭେଟୁଛନ୍ତି।

ସାମୁଦ୍ରିକ ବାତ୍ୟା ଦାନା ନିମନ୍ତେ ସାକ୍ଷୀଗୋପାଳ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତରେ ବୁଧବାରଠାରୁ ଲୋକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ପ୍ରଶାସନ ଦ୍ୱାରା ଚିହ୍ନଟ ବାତ୍ୟା ପ୍ରଭାବିତ ପଞ୍ଚାୟତଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ୨୪ ସନ୍ଧ୍ୟା ସୁଦ୍ଧା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯିବ। ଆଶ୍ରୟସ୍ଥଳଗୁଡ଼ିକରେ ପାନୀୟ ଜଳ, ରନ୍ଧା ଖାଦ୍ୟ, ଜେନେରେଟର ସହ ଅନ୍ୟ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ। ଏଥିପାଇଁ ତିନୋଟି ଜୋନ୍‌ର ଜିଲା ପରିଷଦ ସଭ୍ୟାସଭ୍ୟଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ରହି ବାତ୍ୟା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ।

ବ୍ଲକରେ ୨୮ ବିଦ୍ୟାଳୟ ସହ ୪ ଜରୁରିକାଳୀନ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି ବୋଲି ବିଡିଓ ଲିପ୍ସା ରାୟ ପ୍ରକାଶ କରିଛନ୍ତି। ଅଙ୍ଗନୱାଡି କର୍ମୀ, ଆଶା ଓ ମହିଳା ସଙ୍ଗଠନଗୁଡ଼ିକ ଏହି ସମୟରେ ସଜାଗ ରହିବେ ବୋଲି ଶିଶୁ ଓ ମହିଳା ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ପ୍ରକାଶ କରିଛନ୍ତି। ୨୩ ତାରିଖ ସନ୍ଧ୍ୟା ସୁଦ୍ଧା ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮ ଜଣ ଗର୍ଭବତୀଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣଙ୍କୁ ପୁରୀ ମେଡିକାଲ୍ ପଠାଯାଇଛି। ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ଡାକ୍ତରୀ ଟିମ୍ ରହିଛନ୍ତି। ଦୈନିକ ଖାଦ୍ୟ, ଜେନେରେଟର ସହ ଆବଶ୍ୟକ ଔଷଧ ମହଜୁଦ ରହିଛି ବୋଲି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ. ଦେବାଶିଷ ନାୟକ ପ୍ରକାଶ କରିଛନ୍ତି। ସେହିପରି ବାତ୍ୟା ସମୟରେ କଳାବଜାରୀ ଓ ବିଭିନ୍ନ ବର୍ଗର ଅପରାଧୀଙ୍କୁ ଧରିବା ସହ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ ଓ ଥାନାଧିକାରୀ ଉମେଶ କୁମାର ସାହୁ ପ୍ରକାଶ କରିଛନ୍ତି। ସେହିପରି ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର କହିଛନ୍ତି, ବାତ୍ୟା ସମୟରେ ପବନ ଦ୍ୱାରା କଚ୍ଚା ଘର ଭାଙ୍ଗିବା, ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଅବରୋଧ କରିବା, ପାଣି ଜମିଥିବା ସ୍ଥାନରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବୋଟ, କଟର ସହ ଅନ୍ୟାନ୍ୟ ଉପକରଣ ଓ ଆମ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବାତ୍ୟା ସମୟରେ ନିଜେ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅଞ୍ଚଳର ଯୁବକମାନେ ଓ ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏହି କାର୍ଯ୍ୟରେ ଲାଗିବା ପାଇଁ ନିବେଦନ କରିଛନ୍ତି।

# ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ

## ପନ୍ତ ଉଇକେଟ କିପିଂ କରିବେ, ଗିଲ୍ ୩ ନମ୍ବରରେ ଖେଳିବେ

**ପୁଣେ, ୨୩।୧୦ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଠାରେ ଗୁରୁବାର ଆରମ୍ଭ ହେବ। ପ୍ରଥମ ଟେଷ୍ଟ ହାରିଥିବାରୁ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୦-୧ରେ ପଛୁଆ ରହିଛି। ତେଣୁ ଆଗାମୀ ମ୍ୟାଚରେ ବିଜୟ ଘରୋଇ ଦଳର ମୁଖ୍ୟ ଲକ୍ଷ୍ୟ ରହିବ। ରିଷଭ ପନ୍ତ ବୁଧବାର ନେଟ୍ସରେ ଦୀର୍ଘ ସମୟ ଅଭ୍ୟାସ କରିଛନ୍ତି। ତେଣୁ ସେ ଆହତ ସମସ୍ୟାରୁ ମୁକୁଳିଛନ୍ତି ଏବଂ ଆଗାମୀ ଟେଷ୍ଟରେ ଉଇକେଟ କିପିଂ କରିବାକୁ ପ୍ରସ୍ତୁତଥିବା ଆଭାସ ମିଳିଛି। ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ପନ୍ତ ଆଘାତ ପାଇଥିଲେ। ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଉଇକେଟ କିପିଂ କରିଥିଲେ। ଭାରତର ଦ୍ୱିତୀୟ ଇନିଂସରେ ପନ୍ତ ପ୍ରଭାବୀ ପ୍ରଦର୍ଶନ କରି ୯୯ ରନ ସ୍କୋର କରିଥିଲେ। ମାତ୍ର ଏହାପରେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ଇନିଂସରେ ଉଇକେଟ କିପିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ଏହି ଦ୍ୱିତୀୟ ଟେଷ୍ଟ ପରେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ କାର୍ଯ୍ୟଭାର ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡଠାରୁ ପରାଜୟ ଦ୍ୱାରା ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ହରାଇଛି। ତେଣୁ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଆଗାମୀ ୨ଟି ଟେଷ୍ଟ ବିଜୟ ରୋହିତ ଶର୍ମାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ ରହିବ।

ଭାରତର ନେଟ୍ସ ସେସନରେ ପନ୍ତ ଅନେକ ସମୟ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଏହାପରେ ଗମ୍ଭୀରଙ୍କ ସହ ଉଇକେଟ କିପିଂ ଡ୍ରିଲ୍ କରିଥିଲେ। ''ପନ୍ତ ଫିଟ୍ ଅଛନ୍ତି। ତେଣୁ ସେ ଆଗାମୀ ମ୍ୟାଚରେ ଉଇକେଟ କିପିଂ କରିବାରେ ସମ୍ଭବତଃ କିଛି ଅସୁବିଧା ନାହିଁ'' ବୋଲି ଗମ୍ଭୀର ସ୍ପଷ୍ଟ କରିଛନ୍ତି। ଚଳିତ ସିଜନରେ ବୁମ୍‌ରା ଘରୋଇ ପରିବେଶରେ ଅନୁଷ୍ଠିତ ୩ଟି ଯାକ ଟେଷ୍ଟ ଖେଳିଛନ୍ତି। ଏକ ମାସରୁ କମ୍ ସମୟ ମଧ୍ୟରେ ଅଷ୍ଟ୍ରେଲିଆ ଟୁର୍ ଆସୁଥିବାରୁ ପୁଣେ ମ୍ୟାଚ ପରେ ତାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ ତାହା ଚିନ୍ତା କରାଯିବ। ''ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପରେ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମଧ୍ୟରେ ୧୦ରୁ ୧୨ ଦିନ ବ୍ରେକ୍ ରହୁଛି। ବୁମ୍‌ରାଙ୍କୁ ବିଶ୍ରାମ ନେବା ପାଇଁ ଏହା ପର୍ଯ୍ୟାପ୍ତ ହେବ। ଏହା ସତ୍ତ୍ୱେ ଆମେ ବୁମ୍‌ରାଙ୍କ କାର୍ଯ୍ୟଭାରକୁ ପର୍ଯ୍ୟାଲୋଚନା କରି ଯାହାକିଛି ନିଷ୍ପତ୍ତି ନେବୁ'' ବୋଲି ଗମ୍ଭୀର କହିଛନ୍ତି। ଅଷ୍ଟ୍ରେଲିଆ ଟୁର୍ ଦୀର୍ଘ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ କେବଳ ବୁମ୍‌ରା ନୁହନ୍ତି ସମସ୍ତ ଦ୍ରୁତ ବୋଲରଙ୍କ କାର୍ଯ୍ୟଭାରକୁ ମନିଟର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ କେତେ ସମୟ ହେଉଛି ଏବଂ ଆମ ବୋଲର କେତେ ବୋଲିଂ କରୁଛନ୍ତି ତା' ଉପରେ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ନିର୍ଭର କରିବ ବୋଲି ସେ କହିଛନ୍ତି।

ଆହତ ସମସ୍ୟା ଯୋଗୁ ବେଙ୍ଗାଲୁରୁ ଟେଷ୍ଟ ଖେଳିପାରି ନ ଥିବା ଶୁବମନ ଗିଲ୍ ଏବେ ଫିଟ୍ ହୋଇଛନ୍ତି। ତେଣୁ ସେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ତାଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଗିଲ୍ ପ୍ରତ୍ୟାବର୍ତ୍ତନ କରିଥିବାରୁ ଚୂଡ଼ାନ୍ତ ଏକାଦଶ ସମ୍ପର୍କରେ ଗୁରୁବାର ସକାଳେ ନିଷ୍ପତ୍ତି ନିଆଯିବ ବୋଲି ଗମ୍ଭୀର କହିଛନ୍ତି। ଗିଲ୍‌ଙ୍କ ପ୍ରତ୍ୟାବର୍ତ୍ତନ ହେଲେ ଲୋକେଶ ରାହୁଲ କିମ୍ବା ସର୍ଫରାଜ ଖାଁଙ୍କ ମଧ୍ୟରୁ ଜଣଙ୍କୁ ବସିବାକୁ ପଡ଼ିବ। ତେବେ ସର୍ଫରାଜ ପୂର୍ବ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୫୦ ରନକରି ଦଳରେ ନିଜ ଦାବିଦାରକୁ ଦୃଢ଼ କରିଛନ୍ତି। ମୁମ୍ବାଇ ପକ୍ଷରୁ ଖେଳି ସେ ଇରାନୀ କପ୍‌ରେ ୨୨୨ ରନକରି ଅପରାଜିତ ରହିଥିଲେ। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ବେଙ୍ଗାଲୁରୁରେ ୨ଟି ଯାକ ଇନିଂସରେ ବିଫଳ ହୋଇଛନ୍ତି। ତେବେ ସେ ନେଟ୍ସରେ ଅଧିକ ସମୟ ବିତାଇଥିବାରୁ ଖେଳିବା ସମ୍ଭାବନା ବଢ଼ିଛି।

ଭାରତ ସବୁବେଳେ ବିଜୟ ଲକ୍ଷ୍ୟ ନେଇ ଖେଳିଥାଏ ଏବଂ ଆଗାମୀ ମ୍ୟାଚରେ ମଧ୍ୟ ତାହା ଜାରି ରହିବ। ବେଙ୍ଗାଲୁରୁ ଟେଷ୍ଟରେ ଆମେ ୪୬ ରନରେ ଅଲ୍‌ଆଉଟ ହୋଇଥିଲେ ମଧ୍ୟ ଟେଷ୍ଟ ଜିତିବାକୁ ଉଦ୍ୟମ କରିଥିଲୁ। ତାହା ଗୁରୁତ୍ୱପୂର୍ଣ୍ଣ। ମ୍ୟାଚ ବିଜୟ ଆମର ପ୍ରଥମ ଲକ୍ଷ୍ୟ, ଦ୍ୱିତୀୟ ବିକଳ୍ପ ଡ୍ର' ବୋଲି କୋଚ୍ ସ୍ପଷ୍ଟ କରିଛନ୍ତି। ଟି୨୦ କ୍ରିକେଟ ବ୍ୟାଟରମାନଙ୍କୁ ଅଧିକ ଆକ୍ରମଣାତ୍ମକ କରିଛି। ତେଣୁ ଦୀର୍ଘ ସମୟ ବ୍ୟାଟିଂକରି ଟେଷ୍ଟ ବଞ୍ଚାଇବା ପ୍ରବୃତ୍ତି ଏବେ ନାହିଁ ବୋଲି ଗମ୍ଭୀର ପ୍ରକାଶ କରିଛନ୍ତି।

ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟରମାନେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ମୁକାବିଲାରେ ବିଫଳ ହୋଇଥିଲେ। ତେଣୁ ଦ୍ୱିତୀୟ ଟେଷ୍ଟ ପାଇଁ ଟର୍ନିଂ ପିଚ୍ ପ୍ରସ୍ତୁତ କରାଯାଇପାରେ। ମାତ୍ର ପୂର୍ବରୁ ଏହା ଦୁଇଥର ଭାରତ ପାଇଁ ବୁମେରାଂ ହୋଇଛି। ୮ ବର୍ଷ ପୂର୍ବରୁ ଏଠାରେ ଟର୍ନିଂ ପିଚ୍‌ରେ ଅଷ୍ଟ୍ରେଲିଆ ୩୩୩ ରନରେ ଭାରତକୁ ହରାଇଥିଲା। ସେହିପରି ଗତବର୍ଷ ଇନ୍ଦୋରରେ ଭାରତ ୯ ଉଇକେଟରେ ପରାଜିତ ହୋଇଥିଲା। ବେଙ୍ଗାଲୁରୁ ଟେଷ୍ଟରେ ମହମ୍ମଦ ସିରାଜ ଉଇକେଟଶୂନ୍ୟ ରହିଥିଲେ। ତେଣୁ ଆକାଶ ଦୀପ୍‌ଙ୍କ ଉପରେ ନଜର କେନ୍ଦ୍ରୀଭୂତ ହୋଇଛି। ୱାଶିଂଟନ ସୁନ୍ଦର ଦଳରେ ସାମିଲ ହୋଇଛନ୍ତି। ସେ ନିଜ ସ୍ପିନ୍‌ରେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ଅସୁବିଧାରେ ପକାଇବାର ଦକ୍ଷତା ରଖିଛନ୍ତି। ଏହା ବ୍ୟତୀତ ତାଙ୍କ ଉପସ୍ଥିତିରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ଶକ୍ତିଶାଳୀ ହେବ। ତେଣୁ ଚୂଡ଼ାନ୍ତ ଦଳ ଚୟନ ସମୟରେ ସେ ମଧ୍ୟ ନଜରରେ ରହିବେ।

କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ ୱିଲ ୟଙ୍ଗ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ରାଚିନ ରବୀନ୍ଦ୍ରଙ୍କ ଚମତ୍କାରିତା ଜାରି ରହିଛି। ଡାରିଲ ମିଚେଲ ଓ ଟମ୍ ବ୍ଲୁଣ୍ଡେଲ୍‌ଙ୍କ ବ୍ୟାଟ୍‌ରୁ ନ୍ୟୁଜିଲାଣ୍ଡ ରନ୍ ଆବଶ୍ୟକ କରୁଛି।





ପୁଣେରେ ଭାରତର ନେଟ୍ସ ସେସନରେ ୱାଶିଂଟନ ସୁନ୍ଦର ଓ ଶୁବମନ ଗିଲ୍‌ଙ୍କ ଅଭ୍ୟାସ।



# ସ୍ୱସ୍ତିଙ୍କୁ ୨ ସ୍ୱର୍ଣ୍ଣ ପଦକ

## ଖେଲୋ ଇଣ୍ଡିଆ ରୋଡ୍ ସାଇକ୍ଲିଂ ଲିଗ୍

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ଓଡ଼ିଶାର ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ହରିୟାଣାର ଗୋହନାଠାରେ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ରୋଡ୍ ସାଇକ୍ଲିଂ ଲିଗ୍ (ଫାଇନାଲ)ରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୨୦ କିଲୋମିଟର ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ୩୨ ମିନିଟ ୧୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିପରି ୩୦ କିଲୋମିଟର ମାସ୍ ଷ୍ଟାର୍ଟରେ ସେ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ଏହି ୨ ସ୍ୱର୍ଣ୍ଣକୁ ମିଶାଇ ୨୩ ବର୍ଷୀୟା ସ୍ୱସ୍ତିଙ୍କର ଖେଲୋ ଇଣ୍ଡିଆ ଲିଗ୍‌ରେ ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ ଓ ୧୦ ରୌପ୍ୟ ସାମିଲ। ଚଳିତ ମାସ ୨୬ ଓ ୨୬ ତାରିଖରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଟ୍ରାକ୍ ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ପଦକ ହାସଲ କରି ସେ ଚଳିତ ବର୍ଷ ଖେଲୋ ଇଣ୍ଡିଆ ଲିଗ୍ ଅଭିଯାନକୁ ସଫଳତାର ସହ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ''ଟ୍ରେନିଂ ଭଲ ଥିବାରୁ ମୁଁ ଗୋହନାରେ ୨ଟି ସ୍ୱର୍ଣ୍ଣ ପଦକ ଜିତିବି ବୋଲି ଆତ୍ମବିଶ୍ୱାସରେ ଥିଲି। ଖେଲୋ ଇଣ୍ଡିଆ ମହିଳା ଲିଗ୍‌ରେ କ୍ରମାଗତ ସ୍ଥିର ପ୍ରଦର୍ଶନ ଦେଇପାରିଥିବାରୁ ମୁଁ ବହୁତ ଖୁସି'' ବୋଲି ରାଉରକେଲାର ସ୍ୱସ୍ତି ପ୍ରକାଶ କରିଛନ୍ତି।

## ସୁଲତାନ ଅଫ ଜୋହର କପ୍

# ଭାରତର ପ୍ରଥମ ପରାଜୟ

**ଜୋହର ବାହରୁ, ୨୩।୧୦ (ପି.ଟି.):** ଚଳିତ ସୁଲତାନ ଅଫ୍ ଜୋହର କପରେ ପ୍ରଥମ ପରାଜୟ ବରଣ କରିଛି ଭାରତ। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅଷ୍ଟ୍ରେଲିଅ ଠାରୁ ୦-୪ ଗୋଲରେପାଜିତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଡେକିନ୍ ଷ୍ଟାଙ୍ଗର (୩୩, ୩୯ ଓ ୫୩) ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପ୍ୟାଟ୍ରିକ ଆଣ୍ଡ୍ର୍ୟୁ ଦଳ ପକ୍ଷରୁ ୨୯ ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଫରୱାର୍ଡ ଲାଇନ ଅଷ୍ଟ୍ରେଲୀୟ ଡିଫେନ୍ସକୁ ଅତିକ୍ରମ କରିବାରେ ବିଫଳ ହୋଇଥିଲା। ଅଷ୍ଟ୍ରେଲିଆ ନିକଟରେ ଏକାଧିକ ସ୍କୋରିଂ ସୁଯୋଗ ରହିଥିଲେ ମଧ୍ୟ ଭାରତୀୟ ଗୋଲକିପର ବିକ୍ରମଜିତ ସିଂ ଚମତ୍କାର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ପ୍ୟାଟ୍ରିକ ଆଣ୍ଡ୍ର୍ୟୁ ପ୍ରଥମ ଗୋଲ ଦେଇଥିବା ବେଳେ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ ଡେକିନ୍ ଷ୍ଟାଙ୍ଗର। ପରାଜୟ ସତ୍ତ୍ୱେ ୯ ପଏଣ୍ଟ ସହ ଭାରତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ନ୍ୟୁଜିଲାଣ୍ଡ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି। ଭାରତର ଆଉ ଗୋଟିଏ ମ୍ୟାଚ ବାକି ରହିଥିବା ବେଳେ ଦଳ ଫାଇନାଲ ରେସ୍‌ରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ୨ ସ୍ଥାନରେ ଥିବା ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି।

# ମାର୍ଚ୍ଚରେ ଇଣ୍ଡିଆନ ଶୁଟିଂ ଲିଗ୍

**ନୂଆଦିଲ୍ଲୀ, ୨୩।୧୦(ପି.ଟି.)**

ଭାରତୀୟ ରାଇଫଲ୍ ଆସୋସିଏଶନ (ଏନ୍‌ଆଇଏଆଇ) ଇଣ୍ଡିଆନ ଶୁଟିଂ ଲିଗ୍ ସମ୍ପର୍କରେ ଘୋଷଣା କରିଛି। ଶୁଟିଂରେ ଏହା ଦେଶର ପ୍ରଥମ ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍ ହେବ। ଏନ୍‌ଆଇଏଆଇ ସଭାପତି କଳିକେଶ ନାରାୟଣ ସିଂଦେଓ ଏହି ପ୍ରସ୍ତାବ ଦେଇଥିବା ବେଳେ ବୁଧବାର ଜାତୀୟ ଫେଡେରେଶନ ପକ୍ଷରୁ ଏହାକୁ ମଞ୍ଜୁରୀ ମିଳିଛି। ଏହା ସହିତ ଅନ୍ତର୍ଜାତୀୟ ଶୁଟିଂ ଫେଡେରେଶନ ନିକଟରେ ଏହି ଟୁର୍ନାମେଣ୍ଟକୁ ରୋଷ୍ଟରରେ ସ୍ଥାନ ଦେବା ପାଇଁ ଅନୁମତି ପ୍ରାର୍ଥନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୦୨୫ରେ ଏହାର ପ୍ରଥମ ସଂସ୍କରଣ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

ପ୍ୟାରିସ୍ ଅଲିମ୍ପିକ୍ସରେ ସଫଳତା ପରେ ଭାରତରେ ଶୁଟିଂର ଲୋକପ୍ରିୟତା ଶିଖରରେ ପହଞ୍ଚିଥିବା ବେଳେ ଏଭଳି ଏକ ଲିଗ୍ ଆରମ୍ଭ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି କଳିକେଶ। ବିଭିନ୍ନ ଫ୍ରାଞ୍ଚାଇଜ ଗେମ୍ କ୍ରୀଡାକୁ ଲୋକପ୍ରିୟ କରିବା ସହିତ ଶୃଙ୍ଖଳିତ ମଧ୍ୟ କରିବାରେ ସହାୟକ ହେଉଛନ୍ତି। ଏହା ସହିତ ଶୁଟିଂ ପରି କ୍ରୀଡା ନିମନ୍ତେ ନୂତନ ଦର୍ଶକ ଆଣିବାରେ ମଧ୍ୟ ଏହି ଲିଗ୍ ଗୁଡିକ ସହାୟକ ହୋଇଥାଏ। ଏହି କ୍ରୀଡାକୁ ଆତ୍ମନିର୍ଭର ହେବାରେ ଖେଳାଳି ମାନଙ୍କର ଅବଦାନ ରହିଥିବାରୁ ଏନ୍‌ଆଇଏଆଇ ସେମାନଙ୍କ ନିକଟରେ କୃତଜ୍ଞ ବୋଲି କହିଛନ୍ତି କଳିକେଶ। ପ୍ୟାରିସ୍ ୨୦୨୪ରେ ଭାରତୀୟ ଶୁଟରମାନେ ୩ଟି ପଦକ ଜିତିବାରେ ସକ୍ଷମ ହୋଇଥିଲେ।

ଶୁଟିଂକୁ ସର୍ବଦା ଏକ ଅଲିମ୍ପିକ୍ସ କ୍ରୀଡା ଭାବରେ ବିବେଚନା କରାଯାଇଥାଏ। ଟିଭିରେ ଏହାକୁ ଦେଖିବାକୁ ବା ଦେଖାଇବାକୁ ଏତେଟା ଆଗ୍ରହ ପ୍ରକାଶ ପାଇ ନ ଥାଏ। ତେବେ ଏହା ଉପରେ ରିସର୍ଚ୍ଚ କରାଯାଇ ଏହାର ସମାଧାନର ବାଟ ବାହାର କରାଯାଇଛି ବୋଲି କଳିକେଶ ମତ ଦେଇଛନ୍ତି। ବର୍ତ୍ତମାନ ଏହି କ୍ରୀଡା ଏହାର ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ଖେଳାଳିଙ୍କ ପ୍ରଦର୍ଶନ ଆଗାମୀ ଦିନରେ ଏହାକୁ ଆହୁରି ଉପରକୁ ନେବ ବୋଲି ସେ ଆଶା ରଖିଥିବା କହିଛନ୍ତି କଳିକେଶ।

# ମୋଣ୍ଡୋ ଟ୍ରାକ୍ ପାଇଁ ନୀରଜଙ୍କ ଅନୁରୋଧ

## ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍

### ଆଥ୍‌ଲେଟ, କୋଚ୍‌ଙ୍କ ସହ ମାଣ୍ଡବ୍ୟଙ୍କ ଆଲୋଚନା

**ନୂଆଦିଲ୍ଲୀ, ୨୩।୧୦(ପି.ଟି.)**

ଏନ୍‌ଆଇଏସ୍ ପଟିଆଲାରେ ମୋଣ୍ଡୋ ଟ୍ରାକ୍ ପାଇଁ କ୍ରୀଡା ବିଭାଗକୁ ଅନୁରୋଧ କରିଛନ୍ତି ଅଲିମ୍ପିକ୍ସ ପଦକ ବିଜେତା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା। ବୁଧବାର ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍ ଉପରେ ଆଲୋଚନା ସମୟରେ କ୍ରୀଡା ବିଭାଗକୁ ନୀରଜ ଏହି ଅନୁରୋଧ କରିଥିଲେ। ଏହି ବିଲ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଏଲିଟ୍ ଆଥଲେଟ ଓ କୋଚ୍‌ମାନଙ୍କ ସହ ଆଲୋଚନା କରିଥିଲେ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ। ଏହି ଆଲୋଚନାରେ ବିଭିନ୍ନ କ୍ରୀଡା ନିୟାମକ ବୋର୍ଡରେ ପୂର୍ବତନ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ ଖେଳାଳି ଓ କୋଚ୍। ବର୍ତ୍ତମାନ ପଟିଆଲାରେ ମୋଣ୍ଡୋ ଟ୍ରାକ୍ ବିଛା ଯିବାର କାର୍ଯ୍ୟ ଜାରି ରହିଛି। ତେବେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ୨୦୧୮-୧୯ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ସମାପ୍ତ ହୋଇ ନାହିଁ। ବର୍ତ୍ତମାନ ସମଗ୍ର ବିଶ୍ୱର ବଡ଼ କ୍ରୀଡା ଇଭେଣ୍ଟଗୁଡ଼ିକ ମୋଣ୍ଡୋ ଟ୍ରାକରେ ହେଉଥିବା ବେଳେ ପ୍ରଥମ ଥର ମୋଣ୍ଡୋ ଟ୍ରାକ୍‌ରେ ଖେଳୁଥିବା ଭାରତୀୟଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି କହିଛନ୍ତି ନୀରଜ।

ମୋଣ୍ଡୋ ଟ୍ରାକ୍ ସ୍ୱତନ୍ତ୍ର ଭାବରେ ନିର୍ମିତ ସିନ୍ଥେଟିକ୍ ଟ୍ରାକ୍, ଯାହାଦ୍ୱାରା ଆଥ୍‌ଲେଟମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥାଏ। ଏପରିକି ଏହାଦ୍ୱାରା ଆଥଲେଟମାନଙ୍କ ଆହତ ହେବାର ସମସ୍ୟା ହ୍ରାସ ପାଇଥାଏ। ପ୍ୟାରିସ୍ ଅଲିମ୍ପିକ୍ସ ଓ ଡାଇମଣ୍ଡ ଲିଗ୍ ପରି ଟୁର୍ନାମେଣ୍ଟରେ ଏହି ଟ୍ରାକ୍ ବ୍ୟବହୃତ ହୋଇଥାଏ। ଭାରତରେ କେବଳ କଳିଙ୍ଗ ଷ୍ଟାଡିୟମରେ ନିର୍ମିତ ଇନ୍‌ଡୋର ଷ୍ଟାଡିୟମରେ ମୋଣ୍ଡୋ ଟ୍ରାକ୍ ବ୍ୟବହୃତ ହୋଇଛି। ବୁଧବାର ଅନୁଷ୍ଠିତ ବୈଠକରେ ନୀରଜ ଷ୍ଟାଡିୟମର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। କେବଳ ଜାତୀୟ ଚାମ୍ପିୟନଶିପ୍ ଓ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ଷ୍ଟାଡିୟମର ବ୍ୟବହାର ହେଉଥିବା ବେଳେ ଏହାକୁ ପରିବର୍ତ୍ତନ କରି ସର୍ବଦା ଖେଳାଳିଙ୍କ ପାଇଁ ଉପଲବ୍ଧ କରିବାକୁ ନୀରଜ ଦାବି କରିଥିଲେ। ୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ କରିବାର ଲକ୍ଷ୍ୟ ରଖିଥିବା ବେଳେ ଖେଳାଳି ମାନଙ୍କୁ ଷ୍ଟାଡିୟମର ଅନୁଭବ ମିଳିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

# ଜର୍ମାନୀଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୨୩।୧୦ (ପି.ଟି.):** ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ଜର୍ମାନୀ ବିପକ୍ଷ ହକି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ୦-୨ରେ ପରାଜିତ ହୋଇଛି। ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଜର୍ମାନୀ ପକ୍ଷରୁ ହେନରିକ୍ ମର୍ଟଗେନ୍ସ(୪) ଓ ଲୁକାସ୍ ୱିଣ୍ଡଫେଡର(୩୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୦୧୪ ପରେ ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମକୁ ଅନ୍ତର୍ଜାତୀୟ ହକି ଫେରିଥିବା ବେଳେ ଘରୋଇ ଦଳ ସମର୍ଥନରେ ଫ୍ୟାନମାନେ ମଧ୍ୟ ବିପୁଳ ସଂଖ୍ୟାରେ ଆସିଥିଲେ। ତେବେ ଭାରତ ପରାଜିତ ହେବା ସହ ଫ୍ୟାନ୍‌ଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅଲିମ୍ପିକ୍ସ ସେମିଫାଇନାଲ ପରେ ଉଭୟ ଦଳ ପରସ୍ପରକୁ ପ୍ରଥମ ଥର ଭେଟୁଥିଲେ। ଏପରିକି ଜର୍ମାନୀ ଏକ ଯୁବ ଦଳ ପଠାଇଥିବାରୁ ଭାରତ ବିଜୟୀ ହେବାର ସମ୍ଭାବନା ଅଧିକ ଥିଲା। ତେବେ ଅଧିନାୟକ ହରମନ୍‌ପ୍ରୀତ ସିଂଙ୍କ ପ୍ରଦର୍ଶନ ଠିକ୍ ରହି ନ ଥିବା ବେଳେ ଭାରତ ପରାଜିତ ହୋଇଥିଲା।

ମ୍ୟାଚ୍‌ର ଚତୁର୍ଥ ମିନିଟରେ ଜର୍ମାନୀକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ହେନରିକ୍ ମର୍ଟଗେନ୍ସ ଏହାକୁ ଗୋଲରେ ପରିଣତ କରିଥିବା ବେଳେ ଜର୍ମାନୀ ୧-୦ରେ ଆଗୁଆ ରହିଥିଲା। ଭାରତୀୟ ଦଳ ଏକାଧିକ ଥର ସର୍କଲ ପେନିଟ୍ରେଶନ କରିଥିଲେ ମଧ୍ୟ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲା। ଭାରତ ପେନାଲ୍ଟି କର୍ନରରେ ସଞ୍ଜୟ ଓ ଅମିତ ରୋହିଦାସଙ୍କୁ ସୁଯୋଗ ଦେଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ୨୭ ତମ ମିନିଟରେ ଭାରତକୁ ଷଷ୍ଠ ପେନାଲ୍ଟି କର୍ନର ମିଳିଥିଲା। ଦିଲପ୍ରୀତଙ୍କ ଶଟ୍ ଗୋଲ ହୋଇଥିଲେ ମଧ୍ୟ ଭିଡିଓ ରେଫରାଲରୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ତେବେ ହରମନ୍‌ପ୍ରୀତ ଏହା ମିସ୍ କରିଥିଲେ। ସିରିଜର ଦ୍ୱିତୟ ତଥା ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ।

# କିଟ୍‌କୁ ସର୍ବଭାରତୀୟ, ଖେଲୋ ଇଣ୍ଡିଆ ଯୋଗ୍ୟତା

## ପୂର୍ବାଞ୍ଚଳ ମହିଳା ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ମହିଳା ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଭାବୀ ପ୍ରଦର୍ଶନ କରିଛି। ଫଳରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ବ୍ୟାଡ୍‌ମିଣ୍ଟନ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ଯୋଗ୍ୟତା ପାଇଛି। ନକ୍‌ଆଉଟ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ବୁଧବାର କିଟ୍ ଦଳ ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇ ପୁଲ୍ 'ସି'ରେ ଚାମ୍ପିୟନ ହୋଇଛି। ଶୃତି ସ୍ୱାଇଁ, ହର୍ଷିତା ରାଉତ ଓ ସିମରନ ସିଂ କିଟ୍ ଦଳର ସଦସ୍ୟା ରହିଛନ୍ତି। ଲିଗ୍ ପର୍ଯ୍ୟାୟରେ ଆକର୍ଷଣୀୟ ପ୍ରଦର୍ଶନ କରି ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକ ହେଲେ ଆଡାମ୍ସ, ଭିବିଏସ୍ ପୂର୍ବାଞ୍ଚଳ ଓ ୟୁନିଭର୍ସିଟି ଅଫ୍ କୋଲକାତା।



ମ୍ୟାଚ ଅବସରରେ କିଟ୍‌ର ଦୁଇ ଖେଳାଳି।

# ପଶ୍ଚିମବଙ୍ଗକୁ ହରାଇ ଓଡ଼ିଶା ଦଳଗତ ଚାମ୍ପିୟନ



ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନରେ ଦଳଗତ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳି ଓ ଅନ୍ୟମାନେ।

## ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)**

ରେଲୱେ ଇନଡୋର ଷ୍ଟାଡିୟମରେ ଚାଲିଥିବା ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡିଶା ଚାମ୍ପିୟନ ହୋଇଛି। ଓଡ଼ିଶା ଦଳ ସେମିଫାଇନାଲରେ ମଣିପୁରକୁ ଏବଂ ଫାଇନାଲରେ ଗତବର୍ଷର ଚାମ୍ପିୟନ ପଶ୍ଚିମବଙ୍ଗକୁ ୩-୧ ପରାସ୍ତ କରିଛି । ଓଡିଶା ଦଳର କ୍ୟାପଟେନ ରଣଜିତ ବନ୍ଧା, ଜ୍ଞାନ ଚାନ୍ଦ, କାଲଗା ଜଗଦୀଶ, ଅନିର୍ବାଣ ମଣ୍ଡଳ, ଧ୍ରୁବ ରାୱତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ । ମହିଳା ଡବଲ୍ସରେ ଅନାମିକା ସିଂ ସିଶୋଦିୟା ଓ ଚିମ୍ରୋନ କଲିତା ପ୍ରତିପକ୍ଷ ଦେବାହୁତି ଲାହୋନ ଏବଂ ସୋମିବାଳାଙ୍କୁ ହରାଇ ଥିବାବେଳେ ସିନିୟର ପୁରୁଷ ସିଙ୍ଗଲ୍ସରେ ମୁକେଶ କୁମାରଙ୍କୁ ହରାଇ ସୌରଭ ଅଗ୍ରୱାଲ ଚାମ୍ପିୟନ ହୋଇଛନ୍ତି । ଗୁରୁବାର ପୁରୁଷ ସିଙ୍ଗଲ୍ସ, ବରିଷ୍ଠ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ସେମିଫାଇନାଲ ଅନୁଷ୍ଠିତ ହେବ । ପ୍ରଧାନ ମହାଲେଖାକାର ରାଜ କୁମାର ଓ ମହାଲେଖାକାର ବିଶ୍ୱନାଥ ସିଂ ଜାଡନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ବାଲକ୍ରିଷ୍ଣା ନାଲ୍ଲାମୋଥୁ, ପୂର୍ବତଟ ରେଳବାଇର ଅଡିଟ ଅଧିକାରୀ ଶଶୀରଞ୍ଜନ, ଏଜି ରିକ୍ରିଏଶନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଞ୍ଜ ଓ ଓଡିଶା ଦଳର କୋଚ ଇନ୍ଦ୍ରପ୍ରକାଶ ଶ୍ରୀବାସ୍ତବ ଓଡିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଖେଳକୁ ସହକାରୀ ଲେଖାପରୀକ୍ଷା ଅଧିକାରୀ ସରୋଜକାନ୍ତ ସ୍ୱାଇଁ, ରମାକାନ୍ତ ମିଶ୍ର, ରାଜେଶ କୁମାର ସିଂ, ସୁରେଶ ଚନ୍ଦ୍ର ମହାନ୍ତି, ସରୋଜ ବାରିକ ଓ ଦେବଦତ୍ତ ମହାନ୍ତି ପରିଚାଳନା କରିଥଲେ।

